VIEWS
Empowering People

Azim Premji Foundation

# ଚିରନ୍ତନ କୃଷି ପାଇଁ ଉନ୍ନତ ଚାଷ ପ୍ରଣାଳୀ



Voluntary Integration for Education and Welfare of Society

# ଚିରନ୍ତନ କୃଷି ପାଇଁ ଉନ୍ନତ ଚାଷ ପ୍ରଣାଳୀ

## A Hand Book on Improved Agriculture Practices for Sustainable Agriculture


**ଲେଖା ଓ ସଂପାଦନା :**

ଶ୍ରୀଯୁକ୍ତ ବିଜୟରାମ ସେନାପତି

ଶ୍ରୀଯୁକ୍ତ ସୁନିଲ୍ କୁମାର ଘଡ଼େଇ

**ବୈଷୟିକ ପରାମର୍ଶ :**

ଡା. ରାଧାକୃଷ୍ଣ ପାଣିଗ୍ରାହୀ



**Voluntary Integration for Education and Welfare of Society**

# ବାର୍ତ୍ତା



ପ୍ରଫେସର ରାଧାକୃଷ୍ଣ ପାଣିଗ୍ରାହୀ
କୃଷି ବୈଜ୍ଞାନିକ

କୃଷି ଗବେଷଣା ଜ୍ଞାନ କୌଶଳଗୁଡିକ କୃଷକ କ୍ଷେତରେ ପହଞ୍ଚିପାରିଲେ କୃଷକର ହିତ ସାଧିତ ହୋଇଥାଏ । ମାତ୍ର କୈଣସି ନୂତନ ଜ୍ଞାନ କୌଶଳକୁ ଗ୍ରହଣ କରିବା ପାଇଁ ଚାଷୀମାନେ ଆତ୍ମବିଶ୍ୱାସ ଓ ଆଗ୍ରହ ସୃଷ୍ଟିକରିବା ନିତ୍ୟାନ୍ତ ଆବଶ୍ୟକ, ଏହି ପରିପ୍ରେକ୍ଷୀରେ ଓଡିଶାର କୃଷକମାନଙ୍କ ମନକୁ ଛୁଇଁଲା ଭଳି ଓଡିଆ ଭାଷାରେ ଲିଖିତ କୃଷି ବିଜ୍ଞାନ ପୁସ୍ତିକାର ବିଶେଷ ଆବଶ୍ୟକତା ରହିଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭିୟୁଜ୍ ଦ୍ୱାରା ପ୍ରକାଶିତ **‘‘ଚିରନ୍ତନ କୃଷି ପାଇଁ ଉନ୍ନତ ଚାଷ ପ୍ରଣାଳୀ’’** ପୁସ୍ତକଟି ଅତି ଉଚ୍ଚକୋଟିର ଓ ବିଜ୍ଞାନ ସମ୍ମତ । ଏହି ପୁସ୍ତକରେ ଲିଖିତ ସମସ୍ତ ତଥ୍ୟ ଚାଷୀ ଗ୍ରହଣୀୟ ଏବଂ ଚାଷୀମାନଙ୍କ ପାଇଁ ଉପାଦେୟ ଓ ଶିକ୍ଷଣୀୟ ଅଟେ ।

ଏହି ପୁସ୍ତକରେ ଚାଷୀମାନଙ୍କ ପାଇଁ ଧାନ ଓ ଅନ୍ୟାନ୍ୟ ଫସଲର ଚାଷ କୌଶଳକୁ ଅତ୍ୟନ୍ତ ସାବଲୀଳ ଭାବରେ ବର୍ଣ୍ଣନା କରାଯାଇଥିବାରୁ ଏହା ସେମାନଙ୍କ ଦ୍ୱାରା ଗ୍ରହଣୀୟ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

ରାଧାକୃଷ୍ଣ ପାଣିଗ୍ରାହୀ

ଡ଼ା. ରାଧାକୃଷ୍ଣ ପାଣିଗ୍ରାହୀ

# ସୂଚୀପତ୍ର


| କ୍ର. ନଂ | ବିଷୟବସ୍ତୁ | ପୃଷ୍ଠା |
|---|---|---|
| ୧. | ଏହି ମଡ଼େଲକୁ ଗ୍ରହଣ ଏବଂ ପାଳନ କରିବା ପାଇଁ ମାର୍ଗଦର୍ଶିକା | ୧ |
| ୨. | ଫସଲ ଯୋଜନା | ୨ |
| ୩. | ଶ୍ରୀ ପ୍ରଣାଳୀରେ ଧାନଚାଷ | ୩-୬ |
| ୪. | ରୋଗପୋକ ପରିଚାଳନା | ୭ |
| ୫. | ମାଣ୍ଡିଆ ଚାଷ | ୮-୯ |
| ୬. | ପାକଶାଳା ବଗିଚା | ୯-୧୪ |
| ୭. | ବ୍ୟବସାୟିକ ପରିବା ଚାଷ | ୧୫-୧୭ |
| ୮. | ପନିପରିବା ଫସଲର କୀଟ ଆକ୍ରମଣ | ୧୭-୨୦ |
| ୯. | କେତେକ ମୁଖ୍ୟ ପରିବା ଫସଲର ଚାଷ ପ୍ରଣାଳୀ | ୨୦-୨୪ |



## ଏହି ମଡ଼େଲକୁ ଗ୍ରହଣ ଏବଂ ପାଳନ କରିବା ପାଇଁ ମାର୍ଗଦର୍ଶିକା

1. ମୃତ୍ତିକା ଚୟନ ଏବଂ ପ୍ରସ୍ତୁତି
2. ଜମିର ଚାରି ପଟେ ବାଡ଼ ବନ୍ଧି
3. ଫସଲ ଯୋଜନା ପ୍ରସ୍ତୁତ କରିବା
4. ମଞ୍ଚା ତିଆରି କରିବା
5. ମଞ୍ଜି ତଥା ଫଳଗଛ ଚାରାର ବ୍ୟବସ୍ଥା
6. ଜୈବିକ ସାର ତିଆରି କରିବା
7. ଫସଲ ନର୍ସରୀ/ ଚାରା ପ୍ରସ୍ତୁତ କରିବା
8. ବେଡ଼ା/ପ୍ଲଟ ତିଆରି କରିବା
9. ଜଳ ସେଚନ ଓ ଜଳ ନିଷ୍କାସନର ବ୍ୟବସ୍ଥା
10. ଘରା ରୋପଣ
11. ଠିକ ସମୟରେ ଜୈବିକ ସାର ପ୍ରୟୋଗ
12. ଏକ ଫସଲ ଅମଳ ହେବା ପୂର୍ବରୁ ଅନ୍ୟ ଫସଲ ରୋପଣ



# ଫସଲ ଯୋଜନା



କୌଣସି ଫସଲ ଚାଷ କରିବା ପୂର୍ବରୁ ପ୍ରଥମେ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ । ସବୁ ପ୍ରକାର କାର୍ଯ୍ୟ ପାଇଁ ଯେପରି ଏକ ଯୋଜନା ଆବଶ୍ୟକ, ପନିପରିବା ଚାଷ ପାଇଁ ମଧ୍ୟ ସେହିପରି ଯୋଜନା କଲେ ଅଧିକ ଲାଭ ପାଇପାରିବା । ନିଜର ପରିବାରର କୁଟୁମ୍ବ ସଂଖ୍ୟା, ଜମିର ପ୍ରକାର ଓ ପରିମାଣ, ସମ୍ବଳ ଓ ଋତୁ ଅନୁସାରେ ଫସଲ ଯୋଜନା କରାଯାଇଥାଏ । ଫସଲ ଯୋଜନା କରିବା ପାଇଁ କେତେଗୋଟି ନିର୍ଦ୍ଦିଷ୍ଟ ଦିଗ ପ୍ରତି ବିଶେଷ ଧ୍ୟାନ ଦିଆଯାଏ ।

ଯଥା :-

୧. ପରିବାରର କୁଟୁମ୍ବ ସଂଖ୍ୟା

୨. ଜମିର ପରିମାଣ ଓ ପ୍ରକାର

୩. ଋତୁ ଅନୁଯାୟୀ ଫସଲ ଓ ଅଣ-ଋତୁ ଫସଲର ଚୟନ

୪. ବଜାରରେ ଆଞ୍ଚଳିକ ଚାହିଦା

୫. ନିଜ ପାଖରେ ଥିବା ସମ୍ବଳ (ଅର୍ଥ, ଲୋକ ସଂଖ୍ୟା, ଜମି, ଜଳଉତ୍ସ, କୃଷି ଯନ୍ତ୍ରପାତି ଓ ଗୃହପାଳିତ ପଶୁ ଇତ୍ୟାଦି)

ଏହି ସବୁକୁ ନଜରରେ ରଖି ବର୍ଷକ ମଧ୍ୟରେ ନିଜ ଜମିରେ କେଉଁ କେଉଁ ପ୍ରକାର ଫସଲ କରିବେ ଓ କେତେ ପରିମାଣର କରିବେ ତାହା ଆଗରୁ ସ୍ଥିର କରାଯାଇଥାଏ । ଜମିର ପ୍ରକାର ଓ ପରିବାର ସଂଖ୍ୟାକୁ ନେଇ ଋତୁକାଳୀନ ଫସଲ ଯୋଜନା ଅଲଗା ଅଲଗା ହେଲେ ମଧ୍ୟ କେତେକ ସାଧାରଣ ଜିନିଷ ପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ ।

ଯଥା:-

୧. ଗୋଟିଏ ସ୍ଥାନରେ ଏକ ଜାତୀୟ ଫସଲ (ଯଥା-କୋବି, ଆଳୁ, ବାଇଗଣ, ଲଙ୍କା, ଲଟାଜାତୀୟ ଫସଲ ଇତ୍ୟାଦି) ବାରମ୍ବାର କରିବେ ନାହିଁ ।

୨. ଫସଲ ପର୍ଯ୍ୟାୟରେ ବର୍ଷକ ମଧ୍ୟରେ ଗୋଟିଏ ସ୍ଥାନରେ ଅନ୍ତତଃ ପକ୍ଷେ ଥରେ କୌଣସି ଛୁଇଁ/ଡ଼ାଲି ଜାତୀୟ ଫସଲ କରିବେ । (ଯଥା- ମଟର, ବିନସ୍, ଝୁଡ଼ଙ୍ଗ ଇତ୍ୟାଦି ) । ଏହାଦ୍ୱାରା ଜମିର ଉର୍ବରତା ବଜାୟ ରହେ ।

୩. ଲଟା ଜାତୀୟ ଫସଲକୁ ସବୁବେଳେ ଗୋଟିଏ ପଟେ ଅଲଗା ଲଗାଇବା ଭଲ । ଏହାଦ୍ୱାରା ଅନ୍ୟ ଫସଲ ସୁରକ୍ଷିତ ରହେ ।

ବିଭିନ୍ନ ଜମି ପାଇଁ ଫସଲ ଯୋଜନା ଅଲଗା ଅଲଗା ହୋଇଥାଏ ।

ଏଥି ସହିତ ଫସଲ ଯୋଜନା ଅନୁଯାୟୀ ଖର୍ଚ୍ଚ ହିସାବ ଓ ଆନୁମାନିକ ଅମଳର ପରିମାଣକୁ ମିଶାଇ ଦେଲେ ସଂପୂର୍ଣ୍ଣ ଯୋଜନା ପ୍ରସ୍ତୁତ ହୋଇପାରିବ । ଯାହାଫଳରେ ଚାଷରେ ହେଉଥିବା ଖର୍ଚ୍ଚ ଓ ଆଦାୟର ପ୍ରକୃତ ଚିତ୍ର ଚାଷୀ ଭାଇ ଓ ଭଉଣୀମାନେ ପାଇପାରିବେ ।

# ଶ୍ରୀ ପ୍ରଣାଳୀରେ ଧାନଚାଷ



ଶ୍ରୀ' ବା 'SRI' ଏକ ଇଂରାଜି ସଂକ୍ଷିପ୍ତ ଶବ୍ଦ ଯାହାର ସମ୍ପୂର୍ଣ୍ଣ ଶବ୍ଦ ହେଲା 'System of Rice Intensification' । ଆମେ ଓଡ଼ିଆରେ ଏହାକୁ 'ଶ୍ରୀ' କହୁଛୁ । ଏହାର ଆକ୍ଷରିକ ଓଡ଼ିଆ ଅର୍ଥ ହେଲା ସଘନ ଧାନ ଚାଷ ପଦ୍ଧତି ।

ଏହି ପ୍ରଣାଳୀଟି ୧୯୮୦ ମସିହାରେ ଆଫ୍ରିକା ମହାଦେଶର ମାଡାଗାସ୍କରଠାରେ ଜଣେ ପାଦ୍ରୀ ବାହାର କରିଥିଲେ । ଏହି ପ୍ରଣାଳୀରେ ଚାଷ କଲେ କମ୍ ଖର୍ଚ୍ଚରେ ଅଧିକ ଅମଳ ମିଳି ପାରୁଥିବାରୁ ଏହା ଚାଷୀମାନଙ୍କ ପାଖରେ ବେଶ୍ ଆଦୃତ ହୋଇପାରିଛି । ଓଡିଶା ପରି ଏକ କୃଷି ପ୍ରଧାନ ରାଜ୍ୟରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେବା ପାଇଁ ଶ୍ରୀ ଏକ ଅତ୍ୟନ୍ତ ଉପଯୋଗୀ ଧାନ ଚାଷ ପଦ୍ଧତି ।

## 'ଶ୍ରୀ' ପ୍ରଣାଳୀର ବିଶେଷତ୍ୱ :

୧. କମ୍ ବିହନ ଆବଶ୍ୟକ – ଏକର ପ୍ରତି ପ୍ରାୟ ୨-୪ କିଲୋ ବିହନ ଆବଶ୍ୟକ ହୁଏ ।

୨. ତଳିଘେରା ପାଇଁ କମ୍ ଜମି ଆବଶ୍ୟକ-ଏକ ଏକର ଜମି ଧାନ ଚାଷ ପାଇଁ ମାତ୍ର ୪୦ ବର୍ଗମିଟରର ତଳିଘେରା ଆବଶ୍ୟକ ।

୩. ଅଳ୍ପ ଦିନର ତଳି ରୁଆଯାଏ – ପ୍ରାୟ ୧୨ ରୁ ୧୫ ଦିନର ତଳି ଅତି ଯତ୍ନ ସହକାରେ ଲଗାଯାଏ ।

୪. ଅଧିକ ଦୂରତାରେ ଗୋଟଏ କରି ତଳି ଲଗାଯାଏ – ଏହି ପ୍ରଣାଳୀରେ ଦଶ ଇଞ୍ଚ x ଦଶ ଇଞ୍ଚ ବ୍ୟବଧାନରେ ତଳି ରୁଆଯାଏ ।

୫. ଧାନ ଗଛରେ ଗଣ୍ଡି ଛାଡିବା ପର୍ଯ୍ୟନ୍ତ ଠିଆ ପାଣି ରଖାଯାଏ ନାହିଁ । ଏଣୁ କମ୍ ଜଳସେଚନ ଦରକାର ହୋଇଥାଏ । ଆବଶ୍ୟକ ସ୍ଥଳେ ସୁବିଧା ଥିଲେ ଜମିକୁ ପର୍ଯ୍ୟାୟକ୍ରମେ ଓଦା ଓ ଶୁଖିଲା ରଖାଯାଇଥାଏ ।

୬. ଏଥିରେ ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ବ୍ୟବହାରକୁ ପ୍ରୋତ୍ସାହିତ କରାଯାଏ ।

୭. ସହଳ ଘାସ ବଛାଯାଏ – ଘାସ ଥାଉ କି ନଥାଉ ରୁଆ ହେବାର ୧୦,୨୦,୩୦,୪୦ ଦିନରେ ଏହିପରି ୪ ଥର ଯନ୍ତ୍ର ସାହାଯ୍ୟରେ ଘାସ ବଛାଯାଏ । ଅଧିକ ଉର୍ବର ଜମିରେ ପ୍ରତି ୧୫ ଦିନ ଅନ୍ତରରେ ୨-୩ ଥର ଘାସ ବଛା ବି ଯଥେଷ୍ଟ ହୁଏ । ଏଣୁ ଘାସ ବଛା ମଜୁରୀ କମ୍ ଲାଗେ ।

## "ଶ୍ରୀ' ପାଇଁ ଉପଯୁକ୍ତ ଜମି

ଯେଉଁ ଚାଷୀମାନେ ଶ୍ରୀ ପ୍ରଣାଳୀରେ ଧାନ ଚାଷ କରିବାକୁ ଇଚ୍ଛା କରିବେ ସେମାନେ ପ୍ରଥମ ମନରେ ଦୃଢ଼ତା ଆଣିବା ଆବଶ୍ୟକ । କାରଣ ଏହି ପ୍ରଣାଳୀରେ ଧାନ ଚାଷ କଲେ ପ୍ରାୟ ଏକମାସ ପର୍ଯ୍ୟନ୍ତ ଧାନ ଗଛର ପସନ୍ଦ ଯୋଗ୍ୟ ବୃଦ୍ଧି ହୋଇନଥାଏ ଏବଂ ଜମି ବାହାରକୁ ଭଲ ଦେଖାଯାଏ ନାହିଁ । ଏଣୁ ହତୋତ୍ସାହିତ ନ ହୋଇ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହୋଇଥାଏ । **ଯେଉଁ ଜମିରେ 'ଶ୍ରୀ' ପ୍ରଣାଳୀରେ ଧାନଚାଷ କରିବେ ସେଥିରେ ଜଳ ସେଚନ ଓ ଜଳ ନିଷ୍କାସନର ସୁବିଧା ସାଙ୍ଗକୁ ଜମି ସମତୁଲ ହୋଇଥିଲେ ଭଲ ।** ଦୋରସା ଓ ବାଲି ଦୋରସା ମାଟି 'ଶ୍ରୀ' ପ୍ରଣାଳୀ ଧାନଚାଷ ପାଇଁ ଅତି ଉପଯୁକ୍ତ, କିନ୍ତୁ ଅନ୍ୟ କିସମ ଜମିରେ ମଧ୍ୟ ସଫଳ ଭାବେ ଚାଷ କରାଯାଇପାରିବ । ଏଥିପାଇଁ ମୁଖ୍ୟ ଜମିକୁ ଖରାଟିଆ ହଳ କରି ପ୍ରସ୍ତୁତ କରି ରଖନ୍ତୁ ।

## ବିହନ ନିର୍ବାଚନ

'ଶ୍ରୀ' ପ୍ରଣାଳୀରେ ଧାନଚାଷରେ କୌଣସି ନିର୍ଦ୍ଦିଷ୍ଟ ବିହନର ଆବଶ୍ୟକତା ନ ଥାଏ । ଚାଷୀ ପାଖରେ ଯେଉଁ ବିହନ ଅଛି ସେଥିରେ ଏହି ଚାଷ କରିହେବ । ଜମିର ପ୍ରକାର ଅନୁସାରେ ବିହନ ନିର୍ବାଚନ କରିବେ । ଅର୍ଥାତ୍ ଖାଲ ଜମି ପାଇଁ ଦୀର୍ଘ ଅବଧିର ବିହନ (୧୪୦-୧୫୫ ଦିନ) ଓ ଉଚ୍ଚା ଜମି ପାଇଁ କମ୍ ଅବଧିର ବିହନ (୯୦-୧୨୦ ଦିନ) ବ୍ୟବହାର କରିବେ । ଶ୍ରୀ ପ୍ରଣାଳୀ ଦେଶୀ ବିହନ ଏବଂ ଜୈବିକ ଖତ ପ୍ରତି ସମ୍ବେଦନଶୀଳ । ପ୍ରଥମେ ନିରୋଳା ନିରୋଗ ବିହନ ବାଛନ୍ତୁ । ବିହନ ସୁସ୍ଥ ସବଳ ଥିଲେ ସେଥିରୁ ସୁସ୍ଥ ଗଛ ହେବ ଓ ଅମଳ ମଧ୍ୟ ଭଲ ହେବ । ଜମିର ପ୍ରକାର ଅନୁସାରେ ବିହନ କିସମ ନିର୍ବାଚନ କରିବା ଦରକାର ।

## ବିହନ ଉପଚାର ଓ ଜୈବିକ ଉପାୟରେ ବିହନ ବିଶୋଧନ

ଆପଣ ବାଛିଥିବା ଧାନ ବିହନକୁ ୩-୪ ଲିଟର ପାଣିରେ ଭିଜାଇ, ଉପରେ ଭାସୁଥିବା ଅଗାଡିକୁ ଅଲଗା କରିଦିଅନ୍ତୁ । ଏଥିରେ ଆନୁମାନିକ ୫୦ ମି.ଲି. ଗୋମୂତ୍ର ମିଶାଇ ଦିଅନ୍ତୁ । ଭଲଭାବରେ ଗୋଳାଇ ଦେଲେ ଅଧା ଥିବା ଧାନ ବିହନ ଗୁଡିକ ଉପରେ ଭାସିବ । ତାକୁ ବାହାର କରି ଭଲ ବିହନକୁ ସେହିପରି ଭାବରେ ପାଣିରେ ୭/୮ ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ । ତା'ପରେ ବିହନକୁ ପାଣିରୁ ଛାଣି ଛାଇରେ ଶୁଖାଇ ଦିଅନ୍ତୁ । ୪/୫ ଘଣ୍ଟା ଛାଇରେ ଶୁଖିଲା ପରେ ବିହନ ଉପରୁ ଜଳୀୟ ଅଂଶ ଶୁଖିଯିବ । ଏହି ବିହନକୁ ଆପଣ ଶ୍ରୀ ପ୍ରଣାଳୀ ଧାନ ଚାଷ ପାଇଁ ବ୍ୟବହାର କରନ୍ତୁ । ଅନ୍ୟଥା ବୀଜାମୃତରେ ଏକ ଘଣ୍ଟା ପର୍ଯ୍ୟନ୍ତ ବତୁରାଇବା ପରେ ଛାଇରେ ଶୁଖାଇ ଏହାକୁ ତଳି ପକାନ୍ତୁ ।

## ତଳି ପାଇଁ ପଟାଳି ପ୍ରସ୍ତୁତି

ଯେଉଁ ଜମିରେ ତଳି ପଡିବ ସେ ଜମିକୁ ବିଶେଷ ହଳ କରିବା ଦରକାର ପଡେ ନାହିଁ । ଯେହେତୁ ଅଳ୍ପଦିନିଆ ତଳି ରୁଆଯାଏ, ଯତ୍ନର ସହିତ ତଳି ପକାଇବା ଦରକାର । ତଳି ପଟାଳି ପ୍ରସ୍ତୁତି ପାଇଁ ୫୦ ଭାଗ ମାଟି ୪୫ ଭାଗ ଗୁଣ୍ଡ ଖତ ଓ ୫ ଭାଗ କୁଣ୍ଡା, ସୁଖିଲା ପତ୍ର ଗୁଣ୍ଡ, କରତ ଗୁଣ୍ଡ ବା ପାଉଁଶ ବ୍ୟବହାର କରନ୍ତୁ । ଏ ସବୁ ପଦାର୍ଥକୁ ଏକାଠି କରି ଜମି ଉପରେ ପ୍ରାୟ ୪/୫ ଇଞ୍ଚ ଉଚ୍ଚ, ୪ ଫୁଟ ଓସାର ଓ ୧୦ ଫୁଟ ଲମ୍ବାର ତଳି ପଟାଳୀ ପ୍ରସ୍ତୁତ କରନ୍ତୁ । ତଳି ପଟାଳୀକୁ ସବୁବେଳେ ଉତ୍ତର-ଦକ୍ଷିଣ ଦିଗରେ ପ୍ରସ୍ତୁତ କରନ୍ତୁ । ଏପରି କଲେ ଭଲ ସୂର୍ଯ୍ୟ କିରଣ ମିଳିପାରିବ । ଦୁଇ କିଲୋ ଧାନ ତଳି ପକାଇବାକୁ ଏହି ଭଳି ଚାରି ଟି ପଟାଳୀ ଦରକାର ଅର୍ଥାତ୍ ଗୋଟିଏ ପଟାଳୀରେ ୫୦୦ଗ୍ରାମ ଧାନ ବିହନ ପଡି ପାରୁଥିବ । ତଳି ପଟାଳୀ ତଳେ ଶୁଖିଲା ପତ୍ର, କଦଳୀ ପତ୍ର, ଅଖା ବସ୍ତା ପ୍ରଭୃତି ଦେଲେ ତଳି ପଟିରୁ ଚାରା ସଂଗ୍ରହ ସହଜ ହୋଇଥାଏ । ତଳି ପଟାଳୀରେ ଦୁଇ ଆଙ୍ଗୁଳୀ ବ୍ୟବଧାନରେ ଗୋଟଏ ଛୋଟ କାଠିରେ ଗାରଟାଣି ସେହି ଗାରରେ ବିହନ ବୁଣନ୍ତୁ, ଯେପରି ବିହନ ଉପରେ ବିହନ ନପଡେ । ବିହନ ବୁଣା ସରିଲା ପରେ ତଳି ପଟି ଉପରେ ପ୍ରାୟ ଅଧ ଇଞ୍ଚ ବହଳର ଗୁଣ୍ଡ ଖତ ବା ଗୁଣ୍ଡମାଟି ପକାଇ ଗାର ଗୁଡିକୁ ଘୋଡାଇ ଦିଅନ୍ତୁ । ତଳି ପଟି ଉପରେ କୁଟା ବା ପାଳ ବିଛାଇବେ ନାହିଁ କିମ୍ବା ତଳି ପଟାଳିକୁ ଆଦୌ ଶୁଖିବାକୁ ଦେବେ ନାହିଁ । ବର୍ଷା ହୋଇନଥିଲେ ଝରା ସାହାଯ୍ୟରେ ପାଣି ଛିଞ୍ଚି ତଳି ପଟିକୁ  ଓଦା ରଖିବେ । ତଳି ୪/୫ ଦିନର ହୋଇ ଗଲେ ଏଥିରେ ହାଣ୍ଡି ଔଷଧକୁ ୫୦ଗୁଣ ପାଣି ସହିତ ଝରା ସାହଯ୍ୟରେ ମିଶାଇ ଛିଞ୍ଚି ଦେଲେ ରୋଗପୋକ ହେବ ନାହିଁ ।

## STEPS


ବିଶୋଧିତ ଧାନ ବିହନ


କୋନୋ ବା  ମାଣ୍ଡୁଆ ଉଇଡର ଯନ୍ତ୍ର ଚଳାଇ ଘାସ ବଛା


ଉଚ୍ଚ ପଟାଳୀରେ ତଳି ଘେରା ପ୍ରସ୍ତୁତ


ସମୟ ଅନୁଯାୟୀ ଧାନ ଫସଲରେ ଖାଦ୍ୟସାର ପ୍ରୟୋଗ


ରୋଇବା ପାଇଁ ତଳି ସଂଗ୍ରହ


ଶ୍ରୀ ଧାନ କ୍ଷେତର ଫୁଲ ଉଡାଇବା ସମୟ



ଗୋଟିଏ ଗୋଟିଏ କରି ତଳି ରୋପଣ



ଶ୍ରୀ ଧାନକ୍ଷେତରେ ୫/୫ ମିଟର ମାପର ଫସଲ ଆକଳନ



ଶ୍ରୀ ପ୍ରଣାଳୀରେ ଧାଡି କୁ ଧାଡି ୧୦ ଇଞ୍ଚ ଛାଡି ତଳି ରୋପଣ



ଶ୍ରୀ ଧାନ ଅମଳ ଆକଳନ ପରେ ଶସ୍ୟର ଓଜନ

## ମୁଖ୍ୟ ଜମି ପ୍ରସ୍ତୁତ

ଯେଉଁଦିନ ତଳି ପକାଇବେ, ସେହିଦିନ କିମ୍ବା ତା ପରଦିନ ମୁଖ୍ୟ ଜମି ପ୍ରସ୍ତୁତ କରିବା ଜରୁରୀ। ମୁଖ୍ୟ ଜମିରେ ଧଣିଚା, ବିରି, ମୁଗ, ବରଗୁଡି ପ୍ରଭୃତି ସବୁଜସାର ଚାଷ କରିଥିଲେ ତାକୁ ହଳକରି ମାଟିରେ ମିଶାଇ ଦିଅନ୍ତୁ। ମୁଖ୍ୟ ଜମିରେ ବର୍ତ୍ତମାନ ଖତ ଦେବାର ଆବଶ୍ୟକତା ନାହିଁ। ଜମିକୁ କାଦୁଅ କରିସାରିଲା ପରେ ଛୋଟ ଛୋଟ ପଟିରେ ଭାଗନ୍ତୁ। ପଟିର ଚଉଡା ୫ଫୁଟ ହେବା ଆବଶ୍ୟକ। ପ୍ରତି ଦୁଇଟି ପଟାଳି ମଧ୍ୟରେ ଏକଫୁଟ ଚଉଡା ଓ ୬ ଇଞ୍ଚ ଗଭୀରର ପାଣି ନାଳ ରଖନ୍ତୁ। ନାଳରୁ ମାଟି ବାହାର କରି ପଟାଳୀ ଉପରେ ପକାଇଲେ ପଟି ପ୍ରସ୍ତୁତ ହୋଇଯିବ। ପାଞ୍ଚଫୁଟରୁ ଅଧିକ ଚଉଡାର ପଟି କରନ୍ତୁ ନାହିଁ। ପଟାଳିଗୁଡିକ ଉତ୍ତର-ଦକ୍ଷିଣ ଦିଗରେ ପ୍ରସ୍ତୁତ କଲେ ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବ।

## ରୋଇବା ପାଇଁ ତଳି ସଂଗ୍ରହ

'ଶ୍ରୀ' ପ୍ରଣାଳୀ ଧାନ ଚାଷରେ ତଳି ଉପୁଡା ଯାଏନାହିଁ, ଚେର ଧୁଆଯାଏ ନାହିଁ, ତଳି ଉପାଡି ଅଧିକ ସମୟ ରଖାଯାଏ ନାହିଁ। ତଳି କିଆରିରୁ ତଳି ସଂଗ୍ରହ କଲାବେଳେ, ସାବଧାନତା ସହକାରେ ମାଟି ସହିତ ଗୋଟିଏ ଟିଣ ବା ଲୁହାପାତ ସାହାଯ୍ୟରେ ତଳକୁ ମାଟି ସହିତ ଚେକା ଆକାରରେ ନିଆଯାଏ। ତଳିରେ ମା'ଧାନ ରହିବା ନିତ୍ୟାନ୍ତ ଜରୁରୀ। ଏହା ତଳିକୁ ୧୫ ମିନଟରୁ ଅଧଘଣ୍ଟା ମଧ୍ୟରେ ରୋଇବା ଉଚିତ। ବିଳମ୍ବ ହେଲେ ଅମଳ କମିବ। ମୁଖ୍ୟ ଜମିରେ ପଟାଳୀ କଡ଼ରେ ଯେଉଁ ନାଳ ତିଆରି ହୋଇଛି ସେହି ନାଳରେ ଠିଆ ହୋଇ ରୁଆଯିବ। ପଟାଳୀ ମଧ୍ୟରେ ପଶିବା ଉଚିତ ନୁହେଁ। ଜଣେ ଲୋକ ତିନି ଧାଡି ରୋଇବ, ଏପରି ଦୁଇଜଣ ସାମ୍ନାସାମ୍ନି ହୋଇ ୬ ଧାଡି ରୋଇବେ। ତଳିକୁ ବୁଢ଼ା ଆଙ୍ଗୁଠି ଟିପରେ ମାଟି ଉପରେ ରଖିଦେବେ, ଯେପରି ଚେର ଓ ଗଛ ଇଂରାଜୀ ଅକ୍ଷର 'L' ପରି ରହିବ। ଆଦୌ ଗଭୀରରେ ରୋଇବେ ନାହିଁ। ଯେତିକି ତଳି ରୋଇପାରିବେ ସେତିକି ତଳି ତଳିଘେରାରୁ ବାହାର କରିବେ।

## ଘାସ ବଛା

'ଶ୍ରୀ' ପ୍ରଣାଳୀ ଧାନଚାଷରେ ଘାସ ଥାଉ ବା ନଥାଉ ଯନ୍ତ୍ର ଚଳାଇ ଘାସ ବାଛିବା ନିହାତି ଜରୁରୀ। ଧାନ ରୁଆର ୧୦,୨୦ , ୩୦ ଓ ୪୦ ଦିନରେ ଏହିପରି ୪ଥର ଘାସ ବଛାଯାଏ। ଏହାର ମୁଖ୍ୟ କାରଣ ହେଲା ଘାସ ନଷ୍ଟ ହେବା ସହିତ ମାଟି ହାଲୁକା ହୋଇଥାଏ ଓ ଜମିରେ ବାୟୁ ଚଳାଚଳ ଭଲ ହୁଏ। ଚେର ଭଲ ବଢ଼େ ଓ ସତେଜ ରହେ। ମାଟିରେ ଥିବା ଅଣୁଜୀବମାନେ ଯଥେଷ୍ଟ ଅମ୍ଳଜାନ ପାଆନ୍ତି ଓ ଗଛ ପାଇଁ ଖାଦ୍ୟ ପ୍ରସ୍ତୁତ କରନ୍ତି। ଗଛ ଯଥେଷ୍ଟ ଖାଦ୍ୟ ପାଇଲେ ଫଳନ୍ତି ପିଲ ସଂଖ୍ୟା ବଢ଼େ, ଫଳରେ ଅମଳ ବେଶି ହୁଏ। ଏପରିକି ଗୋଟିଏ ଗୋଟିଏ ଗଛରେ ୧୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟନ୍ତ ପିଲ ବାହାରିଥାଏ। ଯନ୍ତ୍ର ସାହାଯ୍ୟରେ ଘାସ ବାଛିବାପାଇଁ ବର୍ତ୍ତମାନ ଓଡିଶାରେ ଦୁଇଟି ଘାସ ବାଛିବା ଯନ୍ତ୍ର ମିଳୁଛି ଯଥା- କୋନୋ ଘାସ ବଛା ଯନ୍ତ୍ର ଓ ମାଣ୍ଡୁଆ ଘାସ ବଛା ଯନ୍ତ୍ର। ଏଗୁଡିକ ସବୁ ହସ୍ତଚାଳିତ ହୋଇଥିବା ବେଳେ ଏବେ ଶକ୍ତି ଚାଳିତ ଘାସ ବଛା ଯନ୍ତ୍ର ମିଳିଲାଣି। ଏଥିପାଇଁ ସରକାରୀ ରିହାତିର ବ୍ୟବସ୍ଥା ଅଛି।

## ଜଳ ନିୟନ୍ତ୍ରଣ

'ଶ୍ରୀ' ପ୍ରଣାଳୀ ଧାନଚାଷରେ ଜମିରେ ଠିଆ ପାଣି ରଖାଯାଏ ନାହିଁ। ପିଲ ଦେବା ଅବସ୍ଥାରେ ଗଛ ମୂଳରେ ଠିଆ ପାଣି ରହିଲେ ଫଳନ୍ତି ପିଲ ସଂଖ୍ୟା କମିଯାଏ। ଏହି ସମୟ ମଧ୍ୟରେ ଜମି ଓଦା ରହିବ କିନ୍ତୁ ଠିଆ ପାଣି ରହିବ ନାହିଁ। କେବଳ ନାଳରେ ପାଣି ରଖିବାକୁ ହୋଇଥାଏ। (ଅନେକଙ୍କ ମତରେ ଜମିରେ ଜଳସେଚନ କରି ଜଳ ନିଷ୍କାସନ କରିବା ଭଲ। କିନ୍ତୁ ଚିକିଟା ତଥା କଳା ମାଟିରେ ଜଳସେଚନ କରି ଠିଆପାଣି ରଖି ଦେଲେ ମାଟିରୁ ପାଣି ଶୀଘ୍ର ଶୁଖେନାହିଁ। ଏପରି ମାଟିର ଜଳସେଚନ କରି ଠିଆ ପାଣି ବାନ୍ଧି ରଖିବା ଉଚିତ ନୁହେଁ। ଧାନ ଗଛର ଗଣ୍ଡି ଛାଡିଲା ପରେ ଠିଆ ପାଣି ରଖାଯାଇ ପାରେ। ବର୍ଷା ଉପରେ ନିର୍ଭର କରୁଥିଲେ ଜଳସେଚନ ପାଇଁ ବ୍ୟସ୍ତ ହେବା ଆବଶ୍ୟକ ନାହିଁ। 'ଶ୍ରୀ' ପ୍ରଣାଳୀରେ ଚାଷ କରାଯାଉଥିଲେ ଧାନଗଛର ମରୁଡି ସହଣୀ ଶକ୍ତି ଅଧିକ ଥାଏ।

## ଖାଦ୍ୟ ପରିଚାଳନା

ପ୍ରଥମେ ଜମିରେ ସବୁଜସାର ହିସାବରେ ଧଣିଚା ଚାଷ କରିବା ଭଲ। ଖତପ୍ରୟୋଗ କରୁଥିଲେ ପ୍ରଥମେ ଏହାକୁ ଗଦା ଆକାରରେ ଗଦାଇ ରଖନ୍ତୁ ଓ ବର୍ଷା ହେଲା ପରେ ଜମିସାରା ଖେଳାଇ ଦିଅନ୍ତୁ। ଧାନରେ ଘାସ ବାଛିଲା ବେଳେ ୨୦ ଓ ୪୦ ଦିନରେ ଦୁଇ ଥର ଗୋରୁ ଗୁହାଳ ଚନି ବା ହଦରୀ ପ୍ରୟୋଗ କଲେ ଅନ୍ୟ ସାର ବା ଖତର ଆବଶ୍ୟକତା ପଡେ ନାହିଁ। ଏହି ସମୟରେ ଏକର ପ୍ରତି ୧୦୦ କିଲୋଗ୍ରାମ ହିସାବରେ ଜିଆ ଖତ, ୨ ଲିଟର ଜିଆ ଜଳସାର, ୧ କେ.ଜି. ଲେଖାଏଁ ଆଜୋଟୋବ୍ୟାକ୍ଟର, ଆଜୋସ୍ପିରିଲମ୍, ଫସ୍‌ଫୋକଲଚର୍ ଜୀବାଣୁ ସାରକୁ ୫୦ କି.ଗ୍ରା. ଗୁଣ୍ଡ ଖତ ସହିତ ମିଶାଇ ପ୍ରୟୋଗ କରାଯାଇ ପାରିବ। ଗୋରୁ ଗୁହାଳ ଚନି ଏକର ପ୍ରତି ୫୦-୬୦ କିଲୋଗ୍ରାମ ମଧ୍ୟ ପ୍ରୟୋଗ କରାଯାଇ ପାରିବ। ଅନ୍ୟ ଏକ ସହଜ ଉପାୟ ହେଲା ଜୀବାମୃତ। ଜୈବିକ ଉପାୟରେ ଚାଷ ପାଇଁ ଏହା ଅତ୍ୟନ୍ତ ଉପକାରୀ। ଜୀବାମୃତ ପ୍ରୟୋଗ କଲେ ପରବର୍ତ୍ତୀ ସମୟରେ ଅଧିକ ଗୋବର ଖତ ପ୍ରୟୋଗର ଆବଶ୍ୟକତା ପଡ଼େ ନାହିଁ। ଜୀବାମୃତ ନିମ୍ନ ପ୍ରକାରେ ତିଆରି ହୁଏ:-

## ଜୀବାମୃତର ପ୍ରସ୍ତୁତି ପ୍ରଣାଳୀ

ଗୋଟିଏ ୨୦୦ ଲିଟର ପାଣିଧରୁଥିବା ମାଟି କିମ୍ବା ପ୍ଲାଷ୍ଟିକ ଡ୍ରମ୍‌ରେ ନିମ୍ନଲିଖିତ ଜିନିଷ ସବୁ ନିଅନ୍ତୁ

୧. ଗୋବର - ୧୦ କିଲୋ

୨. ଗୋମୂତ୍ର - ୫ ରୁ ୧୦ ଲିଟର

୩. ଦେଶୀ ଗୁଡ - ୧ କିଲୋ

୪. ଡ଼ାଲିଗୁଣ୍ଡ/ବେସନ - ୧ କିଲୋ

ଏସବୁ ପଦାର୍ଥକୁ ଏକାଠି ମିଶାଇ ୨୦୦ ଲିଟର ପର୍ଯ୍ୟନ୍ତ ପାଣି ମିଶାଇ ଗୋଳାଇ ରଖନ୍ତୁ। ଦୁଇଦିନ ପରେ ଏହି ଜୀବାମୃତକୁ କିଆରୀ ସାରା ଢ଼ାଳି ଦେବେ, ଯେପରି ଏହା କିଆରି ସାରା ଖେଳିଯିବ।

ଧାନ ରୁଆର ୧୫-୨୦ ଦିନ ପରେ ପ୍ରଥମ ଥର ଜୀବାମୃତ ପ୍ରୟୋଗ କରିବେ। ପ୍ରତ୍ୟେକ ଥର ଘାସମରା ଯନ୍ତ୍ର ଚଳାଇବା ପୂର୍ବରୁ ଜୀବାମୃତ ପ୍ରୟୋଗ କଲେ ଅନ୍ୟ କୌଣସି ସାରର ଆବଶ୍ୟକତା ପଡିବ ନାହିଁ।



ଜୀବାମୃତ ପ୍ରସ୍ତୁତି

କମ୍ପୋଷ୍ଟ ଖତ, ଜିଆଖତ, ଜିଆ ଜଳସାର, ଜୀବାଣୁ ସାର ଓ ସବୁଜ ସାର ଦ୍ୱାରା ମଧ୍ୟ ଜମିକୁ ଖାଦ୍ୟସାର ଯୋଗାଇ ଦିଆଯାଇଥାଏ।

'ଶ୍ରୀ' ପ୍ରଣାଳୀ ଧାନଚାଷରେ ବିଶେଷ ରୋଗପୋକ ଦେଖାଯାଏ ନାହିଁ। କିନ୍ତୁ ଗଛକୁ ସୁରକ୍ଷିତ ରଖିବାକୁ ୨/୩ ଥର ହାଣ୍ଡି ଔଷଧ ପ୍ରୟୋଗ କଲେ ଭଲ ଫଳ ମିଳିଥାଏ।

## ଅମଳ

ସଧାରଣ ଧାନଠାରୁ 'ଶ୍ରୀ' ଧାନ ୭/୮ ଦିନ ଆଗରୁ ଅମଳ ଯୋଗ୍ୟ ହୋଇଥାଏ। ଧାନ ପାଚିଲା ପରେ ମଧ୍ୟ ଗଛ ସବୁଜ ଥାଏ। ଏଣୁ କେଣ୍ଡାର ଅବସ୍ଥା ଦେଖି ଧାନ କଟାଯାଏ। ଏକର ପ୍ରତି ୨୫ ରୁ ୩୦ କୁଇଣ୍ଟାଲ ଧାନ ଅମଳ ସାଧାରଣ କଥା। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ 'ଶ୍ରୀ' ପ୍ରଣାଳୀରେ ଧାନଚାଷ କଲେ ନିଜ ପରିବାରରେ ଖାଦ୍ୟ ଅଭାବ ରହିବ ନାହିଁ।

ସଘନ ଧାନ ଚାଷ ପଦ୍ଧତି 'ଶ୍ରୀ' ବ୍ୟତୀତ ଅନ୍ୟାନ୍ୟ ଫସଲ ଯଥା ମାଣ୍ଡିଆ, ଗହମ, ମୁଗ, ବିରି ଓ ପନିପରିବା ଫସଲରେ ମଧ୍ୟ ସଘନ ଚାଷ ପଦ୍ଧତି ଅନୁସରଣ କରିହେବ।



ଜିଆଖତ

# ରୋଗପୋକ ପରିଚାଳନା





**କାଣ୍ଡବନ୍ଧା ପୋକ** ଆକ୍ରମଣ କଲେ ଗଛର ମଝିପତ୍ର ଶୁଖିଯାଏ। କେଣ୍ଡା ଶୁଖି ଧଳାପଡିଯାଏ। ହାତରେ ଟାଣିଲେ କେଣ୍ଡାଟି ସହଜରେ ବାହାରି ଆସେ। **କାହାଲିଆ ପୋକ** ଆକ୍ରମଣ କଲେ ପିଲଗୁଡିକ ଗୋଲ ହୋଇ ପିଆଜ ଶଣ୍ଢା ପରି ଦେଖାଯାଏ, କେଣ୍ଡା ବାହାରେ ନାହିଁ। **ମାଟିଆଗୁଣ୍ଡି ପୋକ ଓ ହଳଦୀଗୁଣ୍ଡି ପୋକ :** କାଣ୍ଡ ଉପରେ ଲାଗି ଗଛରୁ ରସ ଶୋଷି ଖାଆନ୍ତି। ଫଳରେ ଧାନ ଗଛ ମରି ଶୁଖିଯାଏ। ନଳୀ ପୋକମାନେ ଧାନର ପତ୍ରକୁ କାଟି ନଳ ପରି କରି ଦିଅନ୍ତି। ଏହା ମଧ୍ୟରେ ରହି ସେମାନେ ପତ୍ର ତଳେ ଝୁଲି ରହନ୍ତି। ଧାନ କ୍ଷୀର ଢ଼ୋକିବାବେଳେ ଗନ୍ଧିପୋକ ଲାଗି ରସ ଶୋଷିନିଏ, ଫଳରେ ଅଧିକ ଅଗାଡି ହୁଏ।

**ମହିଷା ରୋଗ :** ହେଲେ ପତ୍ର ଉପରେ ଠିକିରି ଆକାରର ନୀଳ ରଙ୍ଗର ଚିହ୍ନ ଦେଖାଯାଏ। ବେଳେବେଳେ କେଣ୍ଡାର ମୂଳ ଭାଗରେ ରୋଗ ଆକ୍ରମଣ କଲେ କେଣ୍ଡା ଶୁଖିଯାଇ ଧାନ ଅଗାଡି ହୋଇଯାଏ। ପତ୍ର ଚିତା ରୋଗ ହେଲେ ପତ୍ର ଉପରେ ହଳଦିଆ ବା ଗାଢା  ଲାଲ ରଙ୍ଗର ଗୋଲାକାର ଚିହ୍ନ ଦେଖାଯାଏ। ମୂଳସଢା ରୋଗ ହେଲେ ତଳି ସଢି ନଷ୍ଟ ହୋଇଯାଏ। ଆକ୍ରାନ୍ତ ଗଛର ମାଟି ସଂଲଗ୍ନ କାଣ୍ଡ ପାଟଳ ରଙ୍ଗ ଧାରଣ କରେ। ବୀଜାଣୁଜନିତ ପତ୍ରପୋଡା ରୋଗ ହେଲେ ପତ୍ରଧାରରେ ହଳଦିଆ ବା ଧଳା ରଙ୍ଗର ପାଣିପଚା ଦାଗ ଦେଖାଯାଏ। ପତ୍ରାଚ୍ଛାଦ ସଢ଼ା ରୋଗ ହେଲେ ପତ୍ରାଚ୍ଛାଦ ଉପରେ ଦୀର୍ଘାକାର ବା ବିଷମାକାର ବାଦାମୀ ରଙ୍ଗର ଦାଗମାନ ଦେଖାଯାଏ। ଏଥିଯୋଗୁଁ କେଣ୍ଡା ବାହାରିପାରେ ନାହିଁ। ସାଆରା ରୋଗ ହେଲେ ଧାନ କେଣ୍ଡାରେ ବାଇଗଣି ବା ସବୁଜ ରଙ୍ଗର ପଦାର୍ଥ ଜମା ହେବା ପରି ଦେଖାଯାଏ।

## ରୋଗପୋକ ନହେବା ପାଇଁ ପ୍ରତିଷେଧକ ବ୍ୟବସ୍ଥା

ଖରାଟିଆ ହଳ କଲେ ରୋଗଜୀବାଣୁ ଓ ପୋକ ମରିଯିବେ। କିଆରିକୁ ସଫାସୁତୁରା ରଖିଲେ ରୋଗପୋକ କମ୍ ହେବ। ରୋଗପୋକ ସହନଶୀଳ ବିହନ କିସମ ବ୍ୟବହାର କରନ୍ତୁ। ବିଶୋଧନ କରି ବିହନ ବୁଣନ୍ତୁ। ଜମିରେ ଏକର ପ୍ରତି ୫୦ କି.ଗ୍ରା. ନିମ୍ବ ବା କରଞ୍ଜ ପିଡିଆ ପ୍ରୟୋଗ କରନ୍ତୁ। ମାଟିରେ ଥିବା ଜୀବାଣୁ ମରିଯିବେ। ଠିକ୍ ସମୟରେ ବିହନ ବୁଣନ୍ତୁ। ବିଳମ୍ବ ହେଲେ ରୋଗପୋକ ହେବାର ଆଶଙ୍କା ବୃଦ୍ଧି ପାଇଥାଏ। ଧାଡି ଧାଡି କରି ରୋଇଲେ କିଆରିରେ ପବନ ଚଳାଚଳ କରିବ। ଫଳରେ ରୋଗପୋକ କମ୍ ହେବ। ଗୋଟିଏ ଜମିରେ ଏକ ପ୍ରକାର ଫସଲ ବାରମ୍ବାର କରନ୍ତୁ ନାହିଁ। ଫସଲ ପର୍ଯ୍ୟାୟ ଅନୁସରଣ କରିବା ଦରକାର। ଏହାଦ୍ୱାରା ରୋଗପୋକ ହେବାର ଆଶଙ୍କା ହ୍ରାସ ପାଇବ। ଠିକ୍ ଭାବେ ଜଳ ଓ ଖାଦ୍ୟସାର ପରିଚାଳନା କରିବା ଉଚିତ୍। ଫସଲ ସୁସ୍ଥ ରହିଲେ ରୋଗପୋକ ଆକ୍ରମଣ କରିବାର ଆଶଙ୍କା ହ୍ରାସ ପାଇବ।

## ରୋଗପୋକ ନିୟନ୍ତ୍ରଣ

ଧାନ ଫସଲକୁ ସୁରକ୍ଷିତ ରଖିବାକୁ ୪/୫ ଥର ହାଣ୍ଡି ଔଷଧ ପ୍ରୟୋଗ କଲେ ଭଲ ଫଳ ମିଳିଥାଏ। ହାଣ୍ଡି ଔଷଧ ଏହିପରି ତିଆରି ହୋଇଥାଏ :

## ହାଣ୍ଡି ଔଷଧର ତିଆରି ପ୍ରଣାଳୀ



ଗୋଟିଏ ବଡ ମାଟି ହାଣ୍ଡିରେ ଗୋବର, ଗୋମୂତ୍ର, ଗୁଡ ଓ ପତ୍ର ସବୁକୁ ନିମ୍ନ ଅନୁପାତରେ ନିଅନ୍ତୁ।

୧. ସଜ ଗାଈ ଗୋବର – ୧ କିଲୋ

୨. ଗୋମୂତ୍ର – ୨/୩ ଲିଟର

୩. ଦେଶୀ ଗୁଡ – ୫୦ଗ୍ରାମ

୪. ନିମ୍ବ, କରଞ୍ଜ, ଅରଖ ପତ୍ର – ପ୍ରତ୍ୟକରୁ ପ୍ରାୟ ୧ କିଲୋ

ଗୋଟିଏ ହାଣ୍ଡିରେ ଗୋବର, ଗୋମୂତ୍ର, ଗୁଡ ଓ ପତ୍ର ସବୁକୁ ଛୋଟ ଛୋଟ କରି କାଟି, ଏକତ୍ର ମିଶାଇ, ହାଣ୍ଡିର ମୁହଁ ବାନ୍ଧି ୧୫ ଦିନ ଛାଇରେ ରଖିବେ। ୧୫ ଦିନ ପରେ ଏହାକୁ ଛାଣିଲେ ଯେଉଁ ରସ ବାହାରିବ ତାହା ହାଣ୍ଡି ଔଷଧ। ହାଣ୍ଡିରୁ ରସ ବାହାର କଲାପରେ ଏଥିରେ ଖାଲି ୨/୩ ଲିଟର ଗାଈ ମୂତ୍ର ମିଶାଇବେ। ଯେତେବେଳେ ପତ୍ର ସବୁ ସଂପୂର୍ଣ୍ଣ ସଢ଼ିଜିବ ପୁଣି ଥରେ ନୂଆକରି ଆରମ୍ଭ କରିବେ। ଏହି ରସରେ ୫୦ ଗୁଣ ପାଣି ମିଶାଇ ଗଛରେ ଝରା ସାହାଯ୍ୟରେ ପ୍ରୟୋଗ କରନ୍ତୁ। କୌଣସି ରୋଗପୋକ ହେବାର ସମ୍ଭାବନା ରହିବ ନାହିଁ।

ଏକର ପ୍ରତି ୨୦,୦୦୦ ଟ୍ରାଇକୋଗାମା କୀଟର ଅଣ୍ଡାକୁ ପ୍ରତି ସପ୍ତାହ ବ୍ୟବଧାନରେ ୬ ଥର ବ୍ୟବହାର କରନ୍ତୁ। ମାଟିଆ ଗୁଣ୍ଡି ପୋକ ଦାଉରୁ ରକ୍ଷାପାଇବା ପାଇଁ ପ୍ରତି୧୦ ଧାଡି ଧାନ ରୋଇବା ପରେ ଗୋଟିଏ ଧାଡି ଫାଙ୍କା ରଖନ୍ତୁ। ଏକର ପିଛା ୮ଟି ଫେରୋମୋନ ଟ୍ରାପ୍ ବ୍ୟବହାର

କରନ୍ତୁ । ଆଲୋକ ଯନ୍ତା ବ୍ୟବହାର କରି କୀଟ ଦମନ କରନ୍ତୁ। ନିମଜାତ ଔଷଧ ଯଥା ଅଚୁକ, ନିମାକ୍ସିନ୍, ଲିମୋନଲ୍ କିମ୍ବା ମଲଟିନିମ୍ ଆଦିକୁ ୫ମି.ଲି./ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ। ଏହାଛଡା ନିମତେଲ ମଧ୍ୟ ବ୍ୟବହାର କରାଯାଇ ପାରେ। ଉପକାରୀ ଜୀବ ଯଥା ବୁଢ଼ୀଆଣି, କଙ୍କି, ଇନ୍ଦ୍ରଗୋପି ଭୃଙ୍ଗ ଆଦିଙ୍କ ସଂଖ୍ୟା ବୃଦ୍ଧିରେ ସହାୟକ ହୁଅନ୍ତୁ। ପକ୍ଷୀମାନଙ୍କୁ ବସିବା ପାଇଁ ଡ଼ାଳ ବା ବାଡ଼ି ପୋତନ୍ତୁ। ସେମାନେ କୀଟମାନଙ୍କୁ

# ମାଣ୍ଡିଆ ଚାଷ



ମାଣ୍ଡିଆ ଖାଇବା ଆମ ସ୍ୱାସ୍ଥ୍ୟ ପକ୍ଷେ ବେଶ୍ ଉପକାରୀ। ଏଥିରେ ଶତକଡା ୭୨.୩ ଭାଗ ଶ୍ୱେତସାର, ୭.୧ ଭାଗ ପୁଷ୍ଟିସାର, ୨.୨ ଭାଗ ଖଣିଜ ଲବଣ ଓ ୧.୩ ଭାଗ ସ୍ନେହସାର ରହିଥାଏ। ଆମ ରାଜ୍ୟରେ ଜଳବାୟୁ ମାଣ୍ଡିଆ ଚାଷ ପାଇଁ ଅନୁକୂଳ। ନିଗିଡା ଦୋରସା ମାଟିରେ ମାଣ୍ଡିଆ ଭଲ ହୋଇଥାଏ। ଆମ ରାଜ୍ୟରେ ବର୍ଷା ଋତୁରେ ଓ ପ୍ରାକ୍ ରବି ଋତୁରେ ମାଣ୍ଡିଆ ଚାଷ କରାଯାଏ। ଆମ ରାଜ୍ୟର ଦକ୍ଷିଣ ଓ ପଶ୍ଚିମାଞ୍ଚଳ ଜିଲ୍ଲାମାନଙ୍କରେ ସାଧାରଣତଃ ବର୍ଷା ଋତୁରେ ଓ ପ୍ରାକ୍ ରବି ଋତୁରେ ମାଣ୍ଡିଆ ଚାଷ କରାଯାଏ। ବର୍ଷାଦିନ ପାଇଁ ଜୁନ୍-ଜୁଲାଇ ମାସରେ ଓ ପ୍ରାକ ରବି ଋତୁ ପାଇଁ ସେପ୍ଟେମ୍ବର ମାସରେ ବିହନ ବୁଣାଯିବା ଦରକାର।

## ବିହନ କିସମ

ମାଣ୍ଡିଆ ଫସଲର ଅନେକ ଉନ୍ନତ ବିହନ କିସମ ରହିଛି। ସେସବୁ ହେଲା :

| କିସମର ନାମ | କେତେ ଦିନରେ ଅମଳ ହୁଏ |
|---|---|
| ଦିବ୍ୟସିଂହ | ୯୦-୧୦୦ |
| ନୀଳାଚଳ | ୧୦୦-୧୦୫ |
| ଶୁଭ୍ରା | ୧୦୦-୧୦୫ |
| ଭୈରବୀ | ୧୦୫-୧୧୦ |
| ଚିଲିକା | ୧୧୦-୧୧୫ |
| ଏକେପି-୨ | ୮୫-୯୦ |
| ଗୋଦାବରୀ | ୧୧୦-୧୧୫ |
| ଅର୍ଜୁନ | ୧୧୦-୧୧୫ |
| କୋଲାବ | ୧୧୦-୧୧୫ |



ଧାଡି ରୁଆ ମାଣ୍ଡିଆ ଚାଷରେ ଡ୍ରାଇଲ୍ୟାଣ୍ଡ ଉଇଡର ଚଳାଇ ଘାସବଛା

ଏକ ଏକର ଜମିରେ ବୁଣିବା ପାଇଁ ପ୍ରାୟ ୪ କିଲୋଗ୍ରାମ ବିହନ ଆବଶ୍ୟକ ହୋଇଥାଏ। ବିହନକୁ ବିଶୋଧନ କରି ବୁଣିବା ଭଲ। ଜୈବିକ ଉପାୟରେ ବିହନ ବିଶୋଧନ କରିବା ପାଇଁ ପ୍ରତି କିଲୋଗ୍ରାମ୍ ବିହନ ସହିତ ୪-୫ ଗ୍ରାମ ଟ୍ରାଇକୋଡର୍ମା ଭିରିଡେ ବା ୫ ଗ୍ରାମ ସୁଡୋମୋନାସ୍ ଫ୍ଲୁରେସେନ୍ସ ମିଶାଯାଇ ପାରିବ। ବୁଣିବା ପୂର୍ବରୁ ଗଜା ପରୀକ୍ଷା କରିବା ଭଲ। ମାଣ୍ଡିଆ ବିହନକୁ ବୀଜାମୃତ ଉପଚାର କଲେ ବୁଣିବା ପୂର୍ବରୁ ବିହନକୁ ଭଲ ଭାବରେ ଛାଇରେ ଶୁଖାଇବାକୁ ହେବ।

## ବୁଣିବା ପ୍ରଣାଳୀ

ଭଲ ଭାବରେ ହଳ କରି ମାଟିକୁ ଗୁଣ୍ଡ କରିଦିଅନ୍ତୁ। ଶେଷ ଓଡ ଚାଷ ବେଳେ ଏକର ପ୍ରତି ୨୦ କ୍ୱିଣ୍ଟାଲ ସଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଧାଡିକୁ ଧାଡି ୧୫ ସେଣ୍ଟିମିଟର ଓ ଗଛକୁ ଗଛ ୧୦ ସେଣ୍ଟିମିଟର ଦୂରତାରେ ଧାଡିରେ ବିହନ ବୁଣିବା ଉଚିତ। ମଝିରେ ମଝିରେ ଜିଆଖତ ବା ଜିଆ ଜଳସାର ପ୍ରୟୋଗ କରିବା ଆବଶ୍ୟକ। ଏହାହେଲେ ଗଛର ଅଭିବୃଦ୍ଧି ଅବ୍ୟାହତ ରହେ। ମାଣ୍ଡିଆ ଚାଷରେ ମଧ୍ୟ 'ଶ୍ରୀ' ପ୍ରଣାଳୀକୁ ଅନୁକରଣ କରିହେବ। ଏଥିପାଇଁ ତଳି ପକାଇ ଛୋଟ ତଳିକୁ ୧୦ ଇଞ୍ଚ X ୧୦ ଇଞ୍ଚ ବ୍ୟବଧାନରେ ରୁଆଯାଏ। ଏହାବାଦ୍ ଅନ୍ୟସବୁ ପରିଚାଳନା 'ଶ୍ରୀ' ପଦ୍ଧତି ପରି କରାଯାଏ। ମାଣ୍ଡିଆ ଚାଷକୁ 'ଶ୍ରୀ' ପଦ୍ଧତି ପରି କରାଯାଏ। ମାଣ୍ଡିଆ ଚାଷକୁ 'ଶ୍ରୀ' ପ୍ରଣାଳୀରେ କଲେ ପ୍ରତି ବୁଦାରେ ସାଧାରଣ ଭାବରେ ୨୫-୩୦ ଟି ପର୍ଯ୍ୟନ୍ତ ପିଲ ଆସିପାରେ। ବୁଣା ମାଣ୍ଡିଆ କେବଳ ପାହାଡିଆ ଗଡାଣିଆ ଜମିରେ କରାଯାଏ। ଅନ୍ୟଥା ଅନ୍ୟସବୁ ଜମିରେ ରୋଇବା ଭଲ।

## ଅନାବନା ଘାସ ଦମନ

ଅନାବନା ଘାସ ଯୋଗୁଁ ଅମଳ ହ୍ରାସ ପାଇବା ସହିତ ଫସଲରେ ଅଧିକ ରୋଗ ହୋଇଥାଏ। ଗଛ ହେବାର ଦୁଇ-ତିନି ସପ୍ତାହ ପରେ ଘାସ ବାଛି ଦେବା ଦରକାର। ଏଥିପାଇଁ ପ୍ରତି ଦୁଇ ସପ୍ତାହ ଅନ୍ତରରେ ଦୁଇଥର ୱିଡର ଚଳାଇ ମଧ୍ୟ ଘାସ ଦମନ କରାଯାଇ ପାରିବ। ଏଥିପାଇଁ ବଜାରରେ ଫିଙ୍ଗରୱିଡର ଓ ଚକଲଗା ୱିଡର ବ୍ୟବହାର ପାଇଁ ମିଳିଲାଣି।

## ଜଳ ପରିଚାଳନା

ମାଣ୍ଡିଆ ଫସଲରେ ଶୀତଦିନେ ପାଣି ମଡାଇବା ଆବଶ୍ୟକ। ମାଟିର ଅବସ୍ଥାକୁ ଚାହିଁ ୫-୬ଥର ପାଣି ମଡାଯାଇପାରେ। ସାଧାରଣତଃ ମାଣ୍ଡିଆ ଫସଲ ପାଇଁ ୪୦-୬୫ ସେଣ୍ଟିମିଟର ଜଳ ଆବଶ୍ୟକ ହୋଇଥାଏ। ଫୁଲ ଆସିବାବେଳେ ଓ ଦାନା ପୂରଣ ହେବାବେଳେ ପାଣି ଅଭାବ ହେବା ଉଚିତ୍ ନୁହେଁ। ବର୍ଷାଦିନେ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିବା ଉଚିତ। ଗଛମୂଳେ ପାଣି ଜମି ରହିଲେ ଗଛ ଭଲ ବଢ଼ି ନଥାଏ। ଗଛ ହଳଦିଆ ପଡି ରୁଗ୍ଣ ହୋଇଯାଏ।

## ରୋଗପୋକ ପରିଚାଳନା



ମାଣ୍ଡିଆ ଫସଲରେ କର୍ତ୍ତକ କୀଟ, କାଣ୍ଡବିନ୍ଧା ପୋକ ଓ ଦିଆଲି ପୋକ ଆକ୍ରମଣ କରିବାର ଦେଖାଯାଏ। ସେହିପରି ପତ୍ରଚିତା ରୋଗ ଓ ମହିଷା ରୋଗ ଆଦି ହେବାର ଦେଖାଯାଏ। ରୋଗପୋକ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗୋଟିଏ ଜମିରେ ବାରମ୍ବାର ମାଣ୍ଡିଆ ବା ସେହି ଜାତୀୟ ଫସଲ ଚାଷ କରିବା ଉଚିତ୍ ନୁହେଁ। ଉପଯୁକ୍ତ ଫସଲ ପର୍ଯ୍ୟାୟ ଅନୁସରଣ କରିବା ଦରକାର। ଏହାଦ୍ୱାରା ରୋଗପୋକ ହେବାର ଆଶଙ୍କା ହ୍ରାସ ପାଇଥାଏ। ରୋଗପୋକ ସହନଶୀଳ ବିହନ ବ୍ୟବହାର କରିବା ଉଚିତ୍। ଶେଷ ଓଡଚାଷ ବେଳେ ଏକର ପ୍ରତି ଏକ କ୍ୱିଣ୍ଟାଲ କରଞ୍ଜ ବା ନିମ ପିଡିଆ ପ୍ରୟୋଗ କରନ୍ତୁ। ବିହନକୁ ବିଶୋଧନ କରି ବୁଣନ୍ତୁ। ଏହାଦ୍ୱାରା ବିହନବାହିତ ରୋଗ ହେବ ନାହିଁ। କିଆରିକୁ ସଫାସୁତୁରା ରଖିଲେ ରୋଗପୋକ କମ୍ ହେବ। ଧାଡି ଧାଡି କରି ବୁଣନ୍ତୁ, କିଆରିରେ ପବନ ଚଳାଚଳ କରିବ। ଫଳରେ ରୋଗପୋକ କମ୍ ହେବ। ଉପଯୁକ୍ତ ଭାବେ ଜଳ ପରିଚାଳନା କରନ୍ତୁ। କିଆରି ସନ୍ତସନ୍ତିଆ ହେଲେ ରୋଗ ହେବାର ଆଶଙ୍କା ବୃଦ୍ଧି ପାଇଥାଏ। ଉପଯୁକ୍ତ ମାତ୍ରାରେ ଖାଦ୍ୟସାର ବ୍ୟବହାର କରନ୍ତୁ। ଫସଲ ସୁସ୍ଥ ରହିଲେ ରୋଗପୋକ ଆକ୍ରମଣ କରିବାର ଆଶଙ୍କା ହ୍ରାସ ପାଇବ। ରୋଗପୋକ ଦମନ ପାଇଁ ବଜାରରେ ମିଳୁଥିବା ବିଭିନ୍ନ ନିମଜାତ ଔଷଧ ଯଥା : ଅଚୁକ, ନିମାକ୍ଟିନ୍, ଲିମୋନଲ୍, ମଲଟିନିମ୍ ଆଦି ପ୍ରୟୋଗ କରାଯାଇ ପାରିବ। ଫସଲକୁ ସୁରକ୍ଷିତ ରଖିବାକୁ୪/୫ ଥର ହାଣ୍ଡି ଔଷଧ ପ୍ରୟୋଗ କଲେ ଭଲ ଫଳ ମିଳିଥାଏ। ଧାଡିରୁଆ, ଜଳ ପରିଚାଳନା, ଘାସ ବଛା ଓ ହାଣ୍ଡି ଔଷଧ ଦ୍ୱାରା ମାଣ୍ଡିଆ ଫସଲର ସମସ୍ତ ରୋଗପୋକକୁ ଦମନ କରାଯାଇ ପାରିବ।

## ଅମଳ

ଭଲ ଭାବେ ଚାଷ କଲେ ଏକ ଏକର ଜମିରୁ ପ୍ରାୟ ୧୦ କ୍ୱିଣ୍ଟାଲ ଅମଳ ମିଳିପାରିବ। ଦାନାକୁ ଭଲ ଭାବେ ଶୁଖାଇ ସାଇତି ରଖିବା ଦରକାର। ଓଦା ରହିଲେ ରୋଗପୋକ ହେବାର ଆଶଙ୍କା ବୃଦ୍ଧି ପାଇଥାଏ। ସଫାସୁତୁରା ଓ ଶୁଖିଲା ସ୍ଥାନରେ ସାଇତି ରଖିଲେ ରୋଗପୋକ ହେବାର ଆଶଙ୍କା ରହେନାହିଁ।

# ପାକଶାଳା ବଗିଚା



କମ୍ ସମୟରେ ବଜାର ଉପରେ ନିର୍ଭର ନକରି ଆମେ ଆମର ପାକଶାଳା ବଗିଚାକୁ ସମୃଦ୍ଧ କରିପାରିଲେ ପନିପରିବା କିଣିବା ପାଇଁ ଅର୍ଥବ୍ୟୟ କରିବାକୁ ପଡ଼େ ନାହିଁ। ପରିବାର ପାଇଁ ପୁଷ୍ଟିକର ତଥା ସୁଷମ ଖାଦ୍ୟ ମିଳେ। ଅବସର ସମୟ ବିନିଯୋଗ କରିବାର ଏକ ଫଳପ୍ରଦଉପାୟ ମିଳେ।

## ପାକଶାଳା ବଗିଚାର ସାଧାରଣ ନିୟମ

୧. ପାକଶାଳା ବଗିଚାଟି ଘର ପାଖରେ ହୋଇଥିବା ଦରକାର। ଏଥିସହିତ ଘରର ବଳକା ପନିପରିବା ଚୋପା ଓ ଅଳିଆ ଆବର୍ଜନାକୁ ଠିକ୍ ଭାବରେ କମ୍ପୋଷ୍ଟ କରି ବଗିଚାରେ ବ୍ୟବହାର କରାଯାଇ ପାରେ।

୨. ପାକଶାଳା ବଗିଚାର ବାଡ଼ ଠିକ୍ ଥିବା ଦରକାର। ବାଡ଼ ନଥିଲେ ଜାଲ କିମ୍ବା ତାରବାଡ଼ ଦ୍ୱାରା ମଧ୍ୟ କମ୍ ଖର୍ଚ୍ଚରେ ବାଡ଼ କରିହେବ। ଏହାଫଳରେ ବଗିଚାକୁ ବୁଲା ଜୀବଜନ୍ତୁଙ୍କ ଠାରୁ ରକ୍ଷା କରିହେବ।

୩. ପାକଶାଳା ବଗିଚାରେ ଠିକ୍ ଭାବରେ ସୂର୍ଯ୍ୟକିରଣ ପଡୁଥିବା ଆବଶ୍ୟକ। ଅନ୍ୟଥା ବର୍ଷାଋତୁ ଆରମ୍ଭରୁ ବାଡ଼ିରେ ଥିବା ବଡ଼ ବଡ଼ ଗଛ ସବୁର ପାର୍ଶ୍ୱଡାଳ ଛେଦନ କରି ମଧ୍ୟ ବଗିଚାକୁ ଅଧିକ ସୂର୍ଯ୍ୟକିରଣ ପଡିବାର ବ୍ୟବସ୍ଥା କରାଯାଇପାରେ।

୪. ଜମିର ପରିମାଣ କମ୍ ଥିଲେ କଖାରୁ, ଶିମ୍ବ, ଲାଉ ଇତ୍ୟାଦି ପନିପରିବାକୁ ଘର ପାଖରୁ ଅଳ୍ପ ଦୂରରେ ମନ୍ଦାରେ ଲଗାଇ ଘର ଉପରକୁ ମଡ଼ାଇ ଦିଆଯାଇ ପାରେ। ନଚେତ୍ ଲଟା ଫସଲ ପାଇଁ ରଞ୍ଜା ଦେବା ସବୁଠାରୁ ଭଲ।

୫. ଗ୍ରୀଷ୍ମ ଋତୁରେ ଲଟା ଜାତୀୟ ଫସଲ ଚାଷ କରୁଥିଲେ ରଞ୍ଜା ନଦେଇ ମଧ୍ୟ ତଳେ ମଡାଇ ଦେଲେ ଭଲ ଅମଳ ମିଳେ ଓ ଜମିରେ ବତର ରକ୍ଷା କରାଯାଇପାରେ। କିନ୍ତୁ ଏହି ପ୍ରଣାଳୀରେ ଠିକ୍ ସମୟରେ ଘାସ ବାଛିବା ନିହାତି ଜରୁରୀ।

୬. ବଗିଚା କଡ଼ରେ ସଜନା, ଅମୃତଭଣ୍ଡା, ଲେମ୍ବୁ, କଦଳୀ ଆଦି ଗଛ ରହିଥିବା ଦରକାର। ଏହାଛଡା ଜହ୍ନି, କଲରା, କାକୁଡ଼ି, ଖମ୍ବଆଳୁ ଓ ଶିମ୍ବ ଇତ୍ୟାଦି ଫସଲକୁ ମଧ୍ୟ ବାଡ କଡେ କଡେ ଲଗାଇ ବାଡ ଦେହକୁ ମଡାଇ ଦିଆଯାଏ। ଏହା ଫଳରେ ରଞ୍ଜା ଦେବା ଆବଶ୍ୟକ ପଡ଼ିନଥାଏ।

୭. ଜମିର ହୁଡ଼ାକୁ ପଡ଼ିଆ ନପକାଇ ଖମ୍ବଆଳୁ, ଓଲୁଅ, ହରଡ଼, ବିରି, ବରଗୁଡ଼ି, ଅମୃତଭଣ୍ଡା, ସଜନା ଇତ୍ୟାଦି ଚାଷ କଲେ ମଧ୍ୟ ଅତିରିକ୍ତ ଅମଳ ମିଳିଥାଏ।

୮. ବର୍ଷ ତମାମ ପନିପରିବା ପାଇବା ନିମନ୍ତେ ଯୋଜନା କରିବା ଆବଶ୍ୟକ। ଯେପରି ସବୁଦିନ କିଛି କିଛି ପନିପରିବା ମିଳୁଥିବ। ପ୍ରଥମେ କିଆରିକୁ ଛୋଟ ପଟାଳିରେ ବିଭକ୍ତ କରିବାକୁ ପଡ଼ିବ। ପ୍ରତି ପଟାଳି ଅତି କମ୍‌ରେ ୧୦ବର୍ଗ ଫୁଟ ହୋଇଥିବା ଆବଶ୍ୟକ। ଯୋଜନା ପ୍ରସ୍ତୁତିବେଳେ ଦେଖିବା କଥା ଯେମିତି କୌଣସି ପଟାଳି ପଡ଼ିଆ ରହୁ ନଥାଏ।

୯. ପ୍ରତି ପଟାଳିରେ ଭିନ୍ନ ଭିନ୍ନ ପନିପରିବା ଚାଷ କରିବା ଉଚିତ। ଚାଷ କରୁଥିବା ଫସଲ ବିଷୟରେ ବିଭିନ୍ନ ତଥ୍ୟ ସଂଗ୍ରହ କରିବା ଦରକାର। ଏହାର ଉନ୍ନତ କିସମ, ବୁଣିବା ସମୟ, ଲଗାଇବା ଦୂରତା, ଖାଦ୍ୟସାର ଆବଶ୍ୟକତା, ରୋଗପୋକ ଆଦି ବିଷୟରେ ଜ୍ଞାନ ରହିଥିବା ଉଚିତ।

୧୦.ପଟାଳି ମଧ୍ୟରେ ପାଣି ନାଳ ଓ ଚାଲିବା ରାସ୍ତା କରାଯିବା ନିହାତି ଆବଶ୍ୟକ।

ଋତୁ ଅନୁସାରେ ପାକଶାଳା ବଗିଚାରେ ବିଭିନ୍ନ ପ୍ରକାରର ପନିପରିବା ଚାଷ କରାଯାଇପାରେ। ସେସବୁର କେତେକ ନମୁନା ଏଠାରେ ପ୍ରଦାନ କରାଯାଇଅଛି।

### ପନିପରିବାର ଖାଦ୍ୟମୂଲ୍ୟ (%ଓଜନରେ)

| ଫସଲ | ଶ୍ୱେତସାର | ପୁଷ୍ଟିସାର | ଖଣିଜ ଲବଣ |
|---|---|---|---|
| ବାଇଗଣ | ୪ | ୧.୪ | ୦.୩ |
| ବିଲାତି ବାଇଗଣ | ୩.୪ | ୧.୯ | ୦.୬ |
| ଆଳୁ | ୨୨.୬ | ୧.୬ | ୦.୬ |
| ବନ୍ଧାକୋବି | ୪.୬ | ୧.୮ | ୦.୬ |
| ମୂଳା | ୩.୪ | ୦.୭ | ୦.୬ |
| ଗାଜର | ୧୦.୭ | ୦.୯ | ୧.୧ |
| ସାରୁ | ୨୧ | ୩ | ୧.୭ |
| ଓଲୁଅ | ୧୮.୪ | ୧.୨ | ୦.୮ |
| ପିଆଜ | ୧୧ | ୧.୨ | ୦.୪ |
| ଅଦା | ୧୨ | ୨.୩ | ୧.୨ |
| ଭେଣ୍ଡି | ୬.୪ | ୧.୯ | ୦.୭ |
| ବିନ୍ | ୪.୫ | ୧.୭ | ୦.୫ |
| ଝୁଡଙ୍ଗ | ୮ | ୪.୩ | ୦.୯ |
| ବୋଇତି କଖାରୁ | ୪.୬ | ୧.୪ | ୦.୬ |
| କାକୁଡି | ୨.୫ | ୦.୪ | ୦.୩ |
| କଲରା | ୯.୮ | ୨.୧ | ୧.୪ |
| ତରଭୁଜ | ୩.୩ | ୦.୨ | ୦.୩ |
| ସଜନା ଛୁଇଁ | ୪ | ୨.୫ | ୨ |
| ପାଳଙ୍ଗ ଶାଗ | ୨.୯ | ୨ | ୧.୭ |

ପନିପରିବା ମଧ୍ୟରେ ବାଇଗଣ, ବିଲାତି ବାଇଗଣ, ବନ୍ଧାକୋବି, ଫୁଲକୋବି, ମୂଳା, ଗାଜର, ବୋଇତି କଖାରୁ, କାକୁଡ଼ି, କଲରା, ଜହ୍ନି, ଝୁଡ଼ଙ୍ଗ, ଭେଣ୍ଡି ଓ ଶାଗ ଆଦି ଚାଷ କରାଯାଇପାରିବ। କେତେକ ପନିପରିବାରେ ଥିବା ଖାଦ୍ୟସାର ବିଷୟରେ ପ୍ରଦାନ କରାଗଲା।

**ଉପଚାର କରି ରଖ ବିହନ, ରୋଗ ପୋକ ଭୟ ନଥିବ ଜାଣ।**

## ପାକଶାଳା ବଗିଚା ନିମନ୍ତେ ମୁଖ୍ୟ ଜମି ପ୍ରସ୍ତୁତି

ପାକଶାଳା ବଗିଚା କରିବା ପାଇଁ ପ୍ରଥମେ ଭଲ ଭାବେ ହଳକରି କିମ୍ବା କୋଦାଳରେ ହାଣି ମାଟି ଗୁଣ୍ଡ କରିଦିଅନ୍ତୁ। ଏହାପରେ ଜମିକୁ ସମତୁଲ କରିଦେବା ଆବଶ୍ୟକ। କିଆରିକୁ ଛୋଟ ଛୋଟ ପଟାଳିରେ ବିଭକ୍ତ କରନ୍ତୁ। ପଟାଳିଗୁଡ଼ିକ ବର୍ଗାକାର ବା ଆୟତାକାର ହେବା ଆବଶ୍ୟକ। ପ୍ରତ୍ୟେକ ପଟାଳି ନିକଟରେ ପାଣି ନାଳ ରଖନ୍ତୁ। ପ୍ରତି ପଟାଳି ନିକଟକୁ ଯିବା ପାଇଁ ରାସ୍ତା ଥିବା ଆବଶ୍ୟକ। ପଟାଳିକୁ ସାମାନ୍ୟ ଉଚ୍ଚ କରନ୍ତୁ। ପାଣି ନିଗିଡ଼ି ଯିବା ପାଇଁ ବ୍ୟବସ୍ଥା ଥିବା ଆବଶ୍ୟକ। କିଆରିରେ ପାଣି ଜମି ରହିଲେ ଗଛ ଭଲ ବଢେନାହିଁ। ମାଟିରେ ଥିବା ରୋଗ ଜୀବାଣୁ ଓ କୀଟ ଦମନ ପାଇଁ ମୃତ୍ତିକା ବିଶୋଧନ କରିବା ଉଚିତ। ମାଟିକୁ ଖୁସାଇ ଖରାରେ ଶୁଖାଇଲେ ରୋଗଜୀବାଣୁ ମରିଯିବେ। ପ୍ରତି ବର୍ଗମିଟର ସ୍ଥାନରେ ୧୦୦ ଗ୍ରାମ୍ ନିମ ପିଡିଆ ପକାଇ ମାଟିରେ ମିଶାଇ ଦେଲେ ମଧ୍ୟ କୀଟ ଓ ରୋଗ ଜୀବାଣୁ ମରିଯିବେ। ସୂର୍ଯ୍ୟ ରଶ୍ମି ଦ୍ୱାରା ମୃତ୍ତିକା ବିଶୋଧନ କରାଯାଇ ପାରିବ। ଏଥିପାଇଁ ପଟାଳିକୁ ଖୁସାଇ ଖତ ମିଶାଇ ଦେବାକୁ ହେବ। ଅଳ୍ପ ପାଣି ପକାଇ ଏହାକୁ ଓଦା କରିଦିଆଯିବ। ଏହା ଉପରେ ୨୦-୨୫ ମାଇକ୍ରନର ଧଳା ପଲିଥିନ ଘୋଡାଇ ଦେବାକୁ ପଡ଼ିବ। ପବନରେ ଉଡି ନଯିବା ପାଇଁ ଏହା ଚାରି ପାଖରେ ମାଟି ଟେଳା ରଖିବାକୁ ହେବ। ପ୍ରାୟ ୩ ରୁ ୪ ସପ୍ତାହ ପରେ ମାଟି ସମ୍ପୂର୍ଣ୍ଣ ବିଶୋଧନ ହୋଇଯିବ। ଏହା ଉପରେ ପଲିଥିନ୍ ବାହାର କରି ପଟାଳିରେ କେତେକ ବିହନକୁ ସିଧାସଳଖ ବୁଣାଯାଇପାରେ।

## ବିହନ କିସମ ନିରୂପଣ

କଥାରେ ଅଛି, ମଞ୍ଜି ଗୁଣେ ଗଛ ଓ ଗଛକୁ ନେଇ ଫଳ। ଭଲ ବିହନରୁ ଅଧିକ ଅମଳ ମିଳେ। ଉନ୍ନତ ମାନର ଅଧିକ ଅମଳକ୍ଷମ ବିହନ ହେଲେ ଭଲ ଅମଳ ମିଳିଥାଏ।

- କେତେକ ବିହନ କିସମ ବର୍ଷାଦିନେ ଭଲ ଫଳେ, କେତେକ ଶୀତ ବା ଥଣ୍ଡା ସମୟରେ ଭଲ ଫଳନ୍ତି, ସେହିପରି କେତେକ ବିହନ ଖରାଦିନେ ଭଲ ହୁଏ ଓ କମ୍ ପାଣି ଆବଶ୍ୟକ କରେ ଏବଂ ଗ୍ରୀଷ୍ମ ସହିପାରେ। କେତେକ ବିହନ କିସମ ଅଛି ଯାହା ବର୍ଷ ତମାମ ସବୁ ସମୟରେ ଚାଷ କରାଯାଇପାରେ।
- ପ୍ରତ୍ୟେକ ପନିପରିବା ଫସଲର ସଅଳ ଅମଳ କିସମ, ମଧ୍ୟମ ଅମଳ କିସମ ଓ ବିଳମ୍ବ ଅମଳ କିସମ ମିଳୁଛି। କେତେକ କିସମ ଅଛି ଯାହା ଅଣଋତୁରେ ଚାଷ କଲେ ମଧ୍ୟ ଭଲ ଫଳେ ଓ ସେଥିରୁ ଭଲ ଲାଭ ମିଳେ।
- କମ୍ ଜମିରେ ପାକଶାଳା ବଗିଚା ପାଇଁ ଫସଲରେ ପ୍ରକାର ଅନୁସାରେ କମ୍ ପରିମାଣର ବିହନ ଆଣିବାକୁ ପଡ଼ିବ।

ଗୋଟିଏ ଦଶ ବର୍ଗମିଟରର ଛୋଟିଆ ପାକଶାଳା ବଗିଚା ପାଇଁ ଆବଶ୍ୟକ ହେଉଥିବା ବିହନ ପରିମାଣ ନିମ୍ନରେ ପ୍ରଦାନ କରାଗଲା।

## ବିହନ ପରିମାଣ (୧୦ ବର୍ଗମିଟର ପ୍ରତି ଗ୍ରାମରେ)

| ଫସଲ | ବିହନ ପରିମାଣ (ଗ୍ରାମରେ) | ଫସଲ | ବିହନ ପରିବାଣ (ଗ୍ରାମରେ) |
|---|---|---|---|
| ବାଇଗଣ | ୦.୫ | ସାରୁ | ୧୨୫୦ |
| ବିଲାତି ବାଇଗଣ | ୦.୫ | ଭେଣ୍ଡି | ୧୨.୫ |
| ଲଙ୍କାମରିଚ | ୦.୭୫ | ବିନ୍ | ୭୫ |
| ଫୁଲକୋବି | ୦.୫ | ଝୁଡଙ୍ଗ | ୨୦ |
| ବନ୍ଧାକୋବି | ୦.୫ | ବୋଇତିକଖାରୁ | ୭.୫ |
| ସବଜୀଲଙ୍କା | ୦.୭୫ | କାକୁଡି | ୭.୫ |
| ଆଳୁ | ୧୫୦୦ | ଜହ୍ନି | ୭.୫ |
| ମଟର | ୭୫ | କଲରା | ୭.୫ |
| ମୂଳା | ୧୨.୫ | ଲାଉ | ୭.୫ |
| ଗାଜର | ୫ | ଗୁଆଁର | ୨୦ |
| ଖମ୍ବଆଳୁ | ୧୨୫୦ | ତରଭୁଜ | ୫ |

## ଭଲ ବିହନ ନିର୍ବାଚନ

ବିହନ ଗୁଣେ ଫଳ। ଉନ୍ନତ ମାନରେ ଅଧିକ ଅମଳକ୍ଷମ ବିହନରୁ ଭଲ ଅମଳ ମିଳିଥାଏ। ଭଲ ବିହନ ଚାଷ କଲେ ଭଲ ଫଳେ ଓ ସେଥିରୁ ଅଧିକ ଲାଭ ମିଳେ। ଭଲ ବିହନ କାହାକୁ କୁହାଯିବ :

୧. ବିହନ ନିରୋଗ, ନିରୋଳା, ନିଦା ଓ ହୃଷ୍ଟପୁଷ୍ଟ ହୋଇଥିବ।
୨. ଉନ୍ନତ କିସମର ହୋଇଥିବ।
୩. ଅଧିକ ଉତ୍ପାଦନ କ୍ଷମତା ଥିବ।
୪. ପରିଷ୍କାର ବା ବିଶୁଦ୍ଧ ଥିବ। ଘାସ, ବାଲୁଙ୍ଗା ଓ ଅନ୍ୟାନ୍ୟ ଫସଲରେ ମଞ୍ଜି ମିଶି ନଥିବ।
୫. ବିହନରେ ରୋଗ-ପୋକ ପ୍ରତିରୋଧକ ଶକ୍ତି ଥିଲେ ଭଲ।
୬. ଭଲ ଜାତିଆ ଗଛରୁ ପରିପକ୍ୱ ଅବସ୍ଥାରେ ବିହନ ସଂଗୃହୀତ ହୋଇଥିବ।
୭. ବିହନରେ ମଞ୍ଜି ସଂଜୀବତା (Viability) ଅଧିକ ବା ଠିକ୍ ଥିବ ଶତକଡା ୭୦-୯୦ ଭାଗରୁ ଉର୍ଦ୍ଧ ଗଜା ଶକ୍ତି ଥିବ।

## ବିହନର ଗଜା ପରୀକ୍ଷା

ବିହନ ସଂଗ୍ରହ କଲା ପରେ ଗୋଟିଏ ଛୋଟ ମାଟି ଗାମଲାରେ ଗୁଣ୍ଡ ମାଟି ନେଇ ସେଥିରେ ୨ ସେ.ମି. ଗଭୀରରେ ଗଣି ଗଣି ୧୦୦ ଟି ମଞ୍ଜି ପୋତି ପାଣି ଛିଞ୍ଚିଦିଅନ୍ତୁ। ମଞ୍ଜି ଭଲ ଥିଲେ ୫-୭ ଦିନ ମଧ୍ୟରେ ଗଛ ଉଠିଥାଏ। ସେଥିରୁ କେତେଗୋଟି ଗଜା ହେଲା ତାହାକୁ ଦେଖି ବିହନର ଗଜାଶକ୍ତି ଜାଣିହେବ। ପୂର୍ବରୁ ବିଶୋଧନ କରାଯାଇ ନଥିଲେ ବିହନକୁ ବିଶୋଧନ କରିଦିଅନ୍ତୁ। ବିହନ ବିଶୋଧନ ପାଇଁ ବୀଜାମୃତ (ତରଳ ଓ କଠିନ) ବ୍ୟବହାର କରାଯାଇ ପାରିବ। କିଲୋଗ୍ରାମ୍ ପିଛା ୪-୫ ଗ୍ରାମ୍ ଟ୍ରାଇକୋଡର୍ମା ଭିରିଡେ ସହ ମିଶାଇ ମଧ୍ୟ ବିହନ ବିଶୋଧନ କରାଯାଇ ପାରିବା।

## ପନିପରିବା ଫସଲ ପାଇଁ ତଳି ଉତ୍ପାଦନ





କଖାରୁ, କାକୁଡ଼ି, ଜହ୍ନି, ଛଚିନ୍ଦ୍ରା, ବରଗୁଡ଼ି ଇତ୍ୟାଦିରେ ତଳି ନକରି ଜମିରେ ସିଧାସଳଖ ମଞ୍ଜି ଲଗାଯାଇଥାଏ।

ଅମୃତଭଣ୍ଡା, କାଙ୍କଡ, କୁନ୍ଦୁରି, ଶିମ୍ବ ଓ ସଜନା ଛୁଇଁ ଗଛ ପାଇଁ ତଳି କରାଯାଏ। ସେଥିପାଇଁ ସରୁ ଜରିମୁଣା ଆବଶ୍ୟକ। ଜରିମୁଣାରେ କିଛିଟା କଣାକରି ସେଥିରେ ଖତମାଟି ଭର୍ତ୍ତିକରନ୍ତୁ। ପ୍ରତି ମୁଣାରେ ୨ଟି କରି ଅମୃତଭଣ୍ଡା ମଞ୍ଜି ପୋତି ଦିଆଯାଏ। ମଞ୍ଜି ସଂଖ୍ୟା ଅଧିକ ଦେବାର କାରଣ ହେଲା ଯେ, ସବୁ ମଞ୍ଜି ଗଜା ହୁଏ ନାହିଁ। ଗଛ ଉଠିବା ପରେ ସେଥିରେ ଗୋଟିଏ ମାତ୍ର ଭଲ ଗଛ ରଖି ଅନ୍ୟ ସବୁଗୁଡ଼ିକୁ ଦୁଇ ପତ୍ର ହେଲାବେଳୁ ଉପାଡ଼ି ଦିଆଯାଏ। ଜଳସେଚନ ଅଳ୍ପ ଅଳ୍ପ କରାଯାଏ ଓ ଖରାରେ ରଖାଯାଇଥାଏ। ଗଛଟି ୮-୯ ଇଞ୍ଚ ଉଚ୍ଚା ହେଲେ ଉଚିତ୍ ସ୍ଥାନରେ ଗାତକରି ଖତମିଶା ମାଟି ଦେଇ ଜରିମୁଣାକୁ ଛୁରିରେ ଧୀରେ କାଟି ଦେଇ ବାହାର କରିଦିଆଯାଏ। ମାଟି ସହିତ ପୂରା ପିଣ୍ଡୁଳାଟିକୁ ରଖି ମାଟି ଦେଇ ପୋତି ଦିଆଯାଏ। ଏପରି କରିବା ଦ୍ୱାରା ଗଛର ଗୋଟିଏ ହେଲେ ଚେର ଛିଣ୍ଡି ନଥାଏ। କିନ୍ତୁ ତଳିପଟିରେ ତଳିକରି ସେଥିରେ ଉପାଡି ଆଣି ଲଗାଇଲାବେଳେ ଚାରାଗଛର କେତେକ ସୂକ୍ଷ୍ମଚେର ଛିଣ୍ଡିଯାଏ। ସଜନା କୁ ମଧ୍ୟ ଏହିପରି ଭାବରେ ଜରିମୁଣାରେ ଗଛକରି ଲଗାଇବା ସୁବିଧାଜନକ ହୋଇଥାଏ। କିନ୍ତୁ ସଜନା ଛୁଇଁ ଓ ଶିମ୍ବ ମଞ୍ଜିକୁ ଗୋଟିଏ ଗୋଟିଏ କରି ଜରିମୁଣାରେ ପୋତାଯାଏ। କୁନ୍ଦୁରି ଓ କାଙ୍କଡ଼ର ଚାଖଣ୍ଡେ ଲମ୍ବର ଗଣ୍ଠିଥିବା କାଣ୍ଡ କିମ୍ବା ଚେର ମିଶା କାଣ୍ଡକୁ ଜରିମୁଣାରେ ଭର୍ତ୍ତି କରି ଚାରା କରାଯାଇଥାଏ।

ତଳି ବା ଚାରା ହେଉଛି ଗୋଟିଏ ଶିଶୁ ଗଛ। ଏହା ନରମ ଓ ସୂକ୍ଷ୍ମଚେର ବିଶିଷ୍ଟ ହୋଇଥିବାରୁ ଅଧିକ ଯତ୍ନ ଆବଶ୍ୟକ କରେ। ଭଲ ତଳିରୁ ଭବିଷ୍ୟତରେ ଭଲ ଗଛ ହୋଇଥାଏ ଓ ଭଲ ମିଳେ। ତଳି ଦୁର୍ବଳ, ରୋଗିଣା ହେଲା ପରେଗଛଟି ମଧ୍ୟ ରୁଗ୍ଣ ହୋଇଥାଏ ଓ ଭଲ ଫଳେ ନାହିଁ। ତେଣୁ ଆମେ କିପରି ଭଲ ପନିପରିବା ତଳି ଉତ୍ପାଦନ କରିପାରିବା ସେ ବିଷୟରେ ପ୍ରତ୍ୟେକ ଚାଷୀଭାଇ ଜାଣିବା ନିତ୍ୟାନ୍ତ ଆବଶ୍ୟକ।

## ତଳିପଟି

ଦୋରସା ମାଟି ତଳିପଟି ପାଇଁ ସବୁଠାରୁ ଭଲ। ପଥୁରିଆ, ରୁଗୁଡ଼ିଆ, ନିରସା ମାଟିରେ ତଳି ଭଲ ବଢ଼େ ନାହିଁ। ମାଟି ଯଦି ଅଧିକ ବାଲିଆ ହୋଇଥାଏ, ତେବେ ସେଥିରେ ଟିକିଏ ଅଧିକ ସଢ଼ା ଗୁଣ୍ଡ ଗୋବରଖତ ମିଶାଇବାକୁ ହୁଏ। ମାଟି ଯଦି ଅଧିକ ଚିକିଟା ବା ମଟାଳ ଜାତୀୟ ହୋଇଥାଏ, ତେବେ ସେଥିରେ କିଛି ବାଲିମାଟି ମିଶାଇବା ଆବଶ୍ୟକ। ପନିପରିବା ତଳି ପାଇଁ ଶୁଖିଲା ତଳିପଟି କରାଯାଏ। ତଳିପଟି ପାଇଁ ଟିକିଏ ଉଚ୍ଚା ଜମି ଭଲ। ଯେପରି ବର୍ଷା ହେଲେ ସେଠାରେ ପାଣି ଜମି ନରହି ତଳକୁ ଗଡି ଚାଲିଯିବ। ସ୍ଥାନଟି ସମତଳ ହେଲେ ଭଲ। ତଳିପଟି ସାଧାରଣତଃ ନିଜ ଘରବାଡି ପାଖରେ, ଖଳା ବାଡିରେ ଘେରାବନ୍ଦି ବା ଆବଦ୍ଧ ଜାଗାରେ କରିବା ଉଚିତ୍। ଏହା ଦ୍ୱାରା ତଳିକୁ ଗାଈ, ଗୋରୁ, ଛେଳି, ମେଣ୍ଢାଙ୍କ ଦାଉରୁ ରକ୍ଷା କରାଯାଇ ପାରିବ। ସେହି ସ୍ଥାନରେ କିମ୍ବା ନିକଟରେ ଜଳର ସୁବିଧା ମଧ୍ୟ ଥିବା ଆବଶ୍ୟକ। କାରଣ ଆବଶ୍ୟକ ସମୟରେ ତଳିପଟିରେ ଦୁଇଓଳି ପାଣି ଦେବାକୁ ପଡିଥାଏ। ତଳିଘେରା ପାଇଁ ଆଗରୁ ଜମି ପ୍ରସ୍ତୁତି କରି ଜମିକୁ ଖରା ଖାଇବା ପାଇଁ ଛାଡିଦେବା ଉଚିତ୍। ନଚେତ୍ ଜମି ଉପରେ ପାଣି ଛିଞ୍ଚି ଏଥିରେ ଧଳା ପଲିଥିନ ଜରି ଘୋଡ଼ାଇ ରଖିଲେ ଖରା ଯୋଗୁଁ ଏଥିରେ ଥିବା ରୋଗ ଜୀବାଣୁ ସବୁ ମରି ଯାଆନ୍ତି। ନଚେତ୍ କିଛି ଶୁଖିଲା ତାଳପତ୍ର ପକାଇ ତଳିଘେରାକୁ ପୋଡିଦେବା ଆବଶ୍ୟକ। ଚାରା ଲାଗାଇବାର ମାସକ ଆଗରୁ ତଳି ପ୍ରସ୍ତୁତ କରିବା ଦରକାର।ଏଥିପାଇଁ ଆବଶ୍ୟକ ଖତ, ନିମ୍ବପିଡିଆ, ବିହନ ଜୈବିକ ସାର ସବୁକୁ ଆଗରୁ ଠିକଣା କରିବା ଦରକାର। ତଳିଘେରାକୁ ଛାଇ କରିବା ପାଇଁ ଧଳା ପଲିଥିନ୍, ଚାଳ ଛପର କିମ୍ବା ଗ୍ରୀନ ନେଟ୍‌ର ବ୍ୟବହାର କରାଯିବା ଦରକାର। ଏହା ଅତ୍ୟଧିକ ଖରା ଓ ବର୍ଷାରୁ ତଳିକୁ ରକ୍ଷା କରିଥାଏ। ତଳି ପକାଇବାର ୧୫ ଦିନ ଆଗରୁ ପ୍ରତି ୧୦ ବର୍ଗମିଟର ତଳିଘରା ପାଇଁ ୨ କି.ଗ୍ରା. ନିମ୍ବପିଡିଆ ଓ ୨୦୦ ଗ୍ରାମ୍ ଚୂନ ପ୍ରୟୋଗ କରି ଝରାଦ୍ୱାରା ପାଣି ଦେଇଦେବା ଆବଶ୍ୟକ । ଏହାପରେ ପଟାଳି ଚାରିପଟେ ୧.୫ ଫୁଟ ଓସାରର ପାଣି ନାଳି କରି ୬ ଇଞ୍ଚ ଉଚ୍ଚ ବେଡ୍ ପ୍ରସ୍ତୁତ କରିବା ଉଚିତ୍। ବେଡ ଉପର ମାଟିରେ ଆବଶ୍ୟକ ଖତ ଓ ୨୦୦ ଗ୍ରାମ ଟ୍ରାଇକୋଡର୍ମା ଭିରିଡେ ପକାଇ ଗୁଣ୍ଡ କରିଦେବା ଦରକାର। ବର୍ତ୍ତମାନ ଏହା ମଞ୍ଜି ବୁଣିବା ପାଇଁ ଉପଯୁକ୍ତ। ଏହା ଉପରେ ପ୍ରତି ୨-୩ ଇଞ୍ଚ ବ୍ୟବଧାନରେ କାଠିଦ୍ୱାରା ସିଧା ସିଧା ଗାର ଟାଣି ଉପଚାରିତ ବିହନକୁ ବୁଣନ୍ତୁ। ବିହନ ବୁଣି ସାରିଲା ପରେ ଏହାକୁ ଗୁଣ୍ଡ ଖତ ବା ଜିଆଖତ (ପ୍ରତି ୧୦ ବର୍ଗମିଟର ପ୍ରତି ୧୦ କି.ଗ୍ରା.) ଦ୍ୱାରା ଘୋଡାଇ ଦିଅନ୍ତୁ। ଝରାଦ୍ୱାରା ହାଲକା ଜଳସେଚନ କରି ଏହାକୁ ପାଳ, ନଡା କିମ୍ବା ତାଳପତ୍ର ଦ୍ୱାରା ଘୋଡାଇ ଦିଅନ୍ତୁ। ପ୍ରତ୍ୟେକ ଦିନ ୨ ଓଳି ହାଲକା ପାଣି ଦିଅନ୍ତୁ। ୨-୩ ଦିନ ପରେ ଗଜା ମୁନ ମାରିଲେ ଏହା ଉପରୁ ସଂଧ୍ୟା ସମୟରେ ତାଳପତ୍ର ସବୁ କାଢ଼ିଦେଇ ନିୟମିତ ଜଳସେଚନ କରନ୍ତୁ। ପ୍ରାୟ ୨୦-୩୦ ଦିନ ମଧ୍ୟରେ ତଳି ପ୍ରସ୍ତୁତ ହୋଇଯିବ।

ଏକାବେଳେ ତଳି ନ ଉତାରି ନିଜ ଆବଶ୍ୟକତାକୁ ଦେଖି ପର୍ଯ୍ୟାୟକ୍ରମେ ସପ୍ତାହକ ଅନ୍ତରରେ ତଳି ପକାଇବା ଭଲ।

## ୧୦ ଡେସିମିଲ ଜମିରେ ପାକଶାଳା ବଗିଚା

ଋତୁ ଅନୁସାରେ ପାକଶାଳା ବଗିଚାରେ ବିଭିନ୍ନ ପ୍ରକାରର ପନିପରିବା ଚାଷ କରାଯାଇପାରେ। ସେସବୁର ଏକ ନମୁନା ଏଠାରେ ପ୍ରଦାନ କରାଯାଉଛି। ଚାଷୀ ଭାଇ ଓ ଭଉଣୀମାନେ ନିଜ ସୁବିଧା ଅନୁସାରେ ଏଥିରେ ପରିବର୍ତ୍ତନ କରି ପାରିବେ।

| ପ୍ଲଟ୍ ନଂ | ବର୍ଷାଋତୁ | ଶୀତ ଋତୁ | ଗ୍ରୀଷ୍ମ ଋତୁ |
|---|---|---|---|
| ୧ | ଭେଣ୍ଡି/ବିନ୍ସ୍ | ଆଳୁ | ଜହ୍ନି |
| ୨ | ଝୁଡଙ୍ଗ | ଫୁଲକୋବି | ପୋଇ |
| ୩ | ବାଇଗଣ | ମୂଳା / ମଟର | ବୋଇତି କଖାରୁ |
| ୪ | କାକୁଡ଼ି | ପାଳଙ୍ଗ / ମଟର | ଲଙ୍କାମରିଚ |
| ୫ | କଲରା/ଗୁଆଁର | ବିଲାତି ବାଇଗଣ | ଲେଉଟିଆ ଶାଗ |
| ୬ | ଗୁଆଁର | ଗାଜର | କାକୁଡି |
| ୭ | ବୋଇତି କଖାରୁ | ବନ୍ଧାକୋବି | ଝୁଡଙ୍ଗ |
| ୮ | ଜହ୍ନି | ବିନ୍ସ | ଭେଣ୍ଡି |
| ୯ | ଲାଉ | ମଟର | ଖଡା |
| ୧୦ | ସାରୁ | ସବଜୀ ଲଙ୍କା / ବିନ୍ସ | କଲରା |

## ଖାଦ୍ୟସାର ପରିଚାଳନା

ଜୈବିକ ଉପାୟରେ ଖାଦ୍ୟସାର ପରିଚାଳନା ନିମନ୍ତେ କେତେକ ଘରୋଇ ଜିନିଷ ବ୍ୟବହାର କରାଯାଇଥାଏ । ଗୁହାଳରୁ ଝରି ଆସୁଥିବା ଗୋମୂତ୍ର ଓ ଗୋବର ମିଶା ପାଣିରେ ନିମ୍ବ, କରଞ୍ଜ କିମ୍ବା ସୋରିଷ ପିଡିଆକୁ ଘାଣ୍ଟି ଦିନକ ପରେ ଜମିରେ ପ୍ରୟୋଗ କଲେ ଆଶ୍ଚର୍ଯ୍ୟ ପ୍ରକାରର ଫସଲ ଅମଳ ହୋଇପାରିବ । ଏହାଛଡ଼ା ଏକର ପ୍ରତି ୨୦୦ କି.ଗ୍ରା. ଜିଆଖତ ୨ ଥରରେ ପ୍ରୟୋଗ କରନ୍ତୁ । ପ୍ରତି ୧୫ ଦିନ ଅନ୍ତରରେ ଜୀବାମୃତ ପ୍ରୟୋଗ କରନ୍ତୁ । ଛାଇ ଜାଗା ଦେଖି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବସ୍ଥା କରନ୍ତୁ । ଘରୁ ବାହାରୁଥିବା ଆବର୍ଜନା ଓ ନଷ୍ଟ ହୋଇଥିବା ଖାଦ୍ୟକୁ ଖତରେ ପରିଣତ କରନ୍ତୁ । ଏହି ଜିଆଖତକୁ ଫସଲରେ ବ୍ୟବହାର କରାଯାଇପାରିବ । ଗୋଟିଏ କୋଣରେ ଜିଆ ଜଳସାର ପ୍ରସ୍ତୁତ କରନ୍ତୁ । ଗୋଟିଏ ହାଣ୍ଡିରେ ୩ ଲିଟର ଗୋମୂତ୍ର, ୧ କି.ଗ୍ରା. ଗୋବର ଓ ୫୦ ଗ୍ରାମ ଗୁଡ଼ ନେଇ ଦ୍ରବଣ କରାଯାଏ । ଏହା ସହିତ ୧ କି.ଗ୍ରା. ନିମ୍ବ ପତ୍ର, ୧ କି.ଗ୍ରା. ଅରଖ ପତ୍ର ଓ ୧ କି.ଗ୍ରା. କରଞ୍ଜ ପତ୍ର ରଖି ୧୦-୧୨ ଦିନ ସଢାଇ ନିଗାଡି ଦିଅନ୍ତୁ । ଏଥିରେ ପାଣି ମିଶାଇ ୫୦ ଗୁଣ କରନ୍ତୁ । ଏହାକୁ ଫସଲରେ ସ୍ପ୍ରେ କଲେ ଖାଦ୍ୟସାର ମିଳିବା ସହିତ ରୋଗପୋକ କମ୍ ହେବ । ପଟାଳି ପ୍ରସ୍ତୁତିବେଳେ ବର୍ଗମିଟର ପିଛା ଦୁଇ କିଲୋଗ୍ରାମ୍ ଖତ ପ୍ରୟୋଗ କରି ମାଟି ସହ ମିଶାଇ ଦିଅନ୍ତୁ । ଫସଲ ଅମଳ ପରେ ଗଛକୁ ମାଟିସହ ମିଶାଇ ଦିଅନ୍ତୁ ବା ଏହାକୁ କମ୍ପୋଷ୍ଟ କରନ୍ତୁ । ବିଭିନ୍ନ ପ୍ରକାରର ପତ୍ରକୁ ଏକାଠି ପୋତି, ସେଥିରେ କମ ପରିମାଣର ଗୋବର ପାଣି ଛିଞ୍ଚି ଯଥେଷ୍ଟ ପରିମାଣର କମ୍ପୋଷ୍ଟ ଉତ୍ପାଦନ କରାଯାଇପାରିବ । ଯେଉଁ ବାଲିଆ ଜମି ମାନଙ୍କରେ ଯବକ୍ଷାରଜାନ ଓ ଜୈବିକ ପଦାର୍ଥ କମ୍ ପରିମାଣର ଥାଏ, ସେହି ଜମି ପାଇଁ ଏହା ଭଲ କାମ ଦେବ । ଜିଆଖତ ଓ ଜୀବାମୃତ କରିବା ଚାଷ ପାଇଁ ସର୍ବୋତ୍ତମ ଅଟେ । ଚାଷଜମିରେ ଜୀବାଣୁ ସାର ବ୍ୟବହାର କରି ଅଧିକ ଅମଳ ମିଳିପାରିବ । ଜୀବାଣୁ ସାର ବାୟୁମଣ୍ଡଳରୁ ଯବକ୍ଷାରଜାନ ଆହରଣ କରି ଜମିର ଉର୍ବରତା ବଢାଇବା ସଂଗେ ସଂଗେ ଫସ୍‌ଫରସ୍ ଜାତୀୟ ସାରକୁ ଦ୍ରବୀଭୂତ କରି ଫସଲକୁ ସହଜରେ ଯୋଗାଇଥାଏ । ଏହି ଜୀବାଣୁ ସାରର ଅନ୍ୟ ଏକ ବଡଗୁଣ ହେଲା ଏହା କେତେକ ଉଦ୍ଦୀପକ ବା ହରମୋନ ତଥା ଭିଟାମିନ୍ ଜରିଆରେ ଗଛର ଅଭିବୃଦ୍ଧି କରିବା ସଂଗେ ସଂଗେ ଅଧିକ ଅମଳକ୍ଷମ କରିବାକୁ ସକ୍ଷମ ହୋଇଥାଏ । ପରୀକ୍ଷା କରି ଦେଖାଯାଇଛି ଯେ, ଜୀବାଣୁ ସାର ବ୍ୟବହାର କରି ଶତକଡା ୧୦-୨୦ ଭାଗ ଅମଳ ବୃଦ୍ଧି କରାଯାଇ ପାରୁଛି । ପୁଣି ମାଟିରୁ ଜନ୍ମିତ କେତେକ ରୋଗକୁ ପ୍ରତିରୋଧ କରାଯାଇ ପାରୁଛି । ତା ସଂଗେ ସଂଗେ ସାହାଯ୍ୟକାରୀ ଜୀବାଣୁଗୁଡିକରେ ବଂଶ ବିସ୍ତାରରେ ସାହାଯ୍ୟ କରି ହେଉଛି ।


ଜିଆଖତ


ପନିପରିବା କ୍ଷେତରେ ହାଣ୍ଡି ଖତ ପ୍ରୟୋଗ

# ବ୍ୟବସାୟିକ ପରିବା ଚାଷ



ବ୍ୟବସାୟ ଉଦ୍ଦେଶ୍ୟରେ କରାଯାଉଥିବା ପନିପରିବା ଚାଷ ପାଇଁ ପାକଶାଳା ବଗିଚା ଅପେକ୍ଷା ଅଧିକ ଜମି ଓ ସମ୍ବଳ ଆବଶ୍ୟକ । ବ୍ୟବସାୟିକ ପରିବା ଚାଷ ନିମନ୍ତେ ଆବଶ୍ୟକ ଜମି ସବୁବେଳେ ଘର ପାଖରେ ଉପଲବ୍ଧ ହେଉନଥିବାରୁ ଚାଷୀମାନେ ସାଧାରଣତଃ ଏହାକୁ ଚାଷଜମି ତଥା ନଦୀ/ନାଳ ପଠାରେ କରିବାକୁ ଭଲ ପାଆନ୍ତି । ଚାଷୀମାନେ ଋତୁକାଳୀନ ଫସଲ ଅପେକ୍ଷା ଅଣ- ଋତୁ ଫସଲ କରି ଅଧିକ ଲାଭବାନ ହୋଇପାରନ୍ତି ।

**ବ୍ୟବସାୟିକ ପନିପରିବା ଚାଷ ନିମନ୍ତେ ଫସଲ ଯୋଜନା ନିହାତି ଆବଶ୍ୟକ ।**

- ଏଥିସହିତ ଜଳସେଚନର ସୁବିଧା, ଅଧିକ ପରିମାଣର ଜୈବିକ ଖତ ଓ ଶ୍ରମବଳ ଥିବା ଆବଶ୍ୟକ ।
- ଜଳସେଚନ ପାଇଁ ବୁନ୍ଦା ଜଳସେଚନ ପଦ୍ଧତି, ଜମି ପ୍ରସ୍ତୁତି ତଥା ଫସଲ ପରିଚାଳନା ପାଇଁ ଯାନ୍ତ୍ରିକ ପଦ୍ଧତି ଆପଣାଇଲେ ଉତ୍ପାଦନ ଖର୍ଚ୍ଚ କମ୍ ହୁଏ ।
- ବ୍ୟବସାୟିକ ପନିପରିବା ଚାଷ ନିମନ୍ତେ ଉନ୍ନତ କିସମର ରୋଗ ପ୍ରତିରୋଧ ଶକ୍ତି ଥିବା ପ୍ରମାଣିତ ବିହନ ବ୍ୟବହାର କରିବା ଭଲ । ଆଜିକାଲି ବଜାରରେ ବିଭିନ୍ନ କିସମର ବିହନ ସବୁ ମିଳିଲାଣି ।
- ଚାଷୀମାନେ ଦ୍ୱନ୍ଦରେ ନପଡି ନିଜ ଅଞ୍ଚଳରେ ଭଲ ଅମଳ ଦେଉଥିବା ଆଞ୍ଚଳିକ ବିହନ ସବୁକୁ ଗୁରୁତ୍ୱ ଦେବା ଆବଶ୍ୟକ ।
- କୌଣସି କିସମ ନିଜ ଅଞ୍ଚଳରେ ଓ ନିର୍ଦ୍ଦିଷ୍ଟ ଋତୁରେ ଚାଷ ଉପଯୋଗୀ ବୋଲି ପରୀକ୍ଷା କରାଯାଇ ନଥିଲେ ସେସବୁ କିସମର ବିହନକୁ ବ୍ୟବହାର ନକରିବା ଭଲ ।

**ଉନ୍ନତ କିସମ ବିଷୟରେ ଅଧିକ ଜାଣିବା ନିମନ୍ତେ ନିଜ ଅଞ୍ଚଳର ଉଦ୍ୟାନ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା କିମ୍ବା ଆଗୁଆ ଚାଷୀଙ୍କଠାରୁ ପରାମର୍ଶ ନେବା ଦରକାର । ଅନ୍ୟଥା କ୍ଷତିରେ ପଡିବାର ସମ୍ଭାବନା ଅଛି ।**

ବିଭିନ୍ନ ପନିପରିବାର କେତେକ ଅଧିକ ଅମଳକ୍ଷମ ବିହନ କିସମ, ଲଗାଇବା ସମୟ ବିଷୟରେ ପ୍ରଦାନ କରାଗଲା । ଚାଷୀଭାଇମାନେ ନିଜର ଚାହିଦା ଅନୁସାରେ ସେଥିରୁ କିସମ ବାଛି ନିଜ ଜମିରେ ଚାଷ କରିପାରିବେ ।

| ପନିପରିବାର ନାମ | କିସମ | ଏକର ପିଛା ବିହନର ପରିମାଣ | ଲଗାଇବା ଦୂରତା ସେ.ମି. (୧ ଫୁଟ = ୩୦ ସେ.ମି.) | ବିହନ / ଚାରା ଲଗାଇବା ସମୟ |
|---|---|---|---|---|
| ବିଲାତି ବାଇଗଣ | ପୁଷାରୁବି, ପଞ୍ଜାବ କେଶରୀ, ରୋମା, ପୁଷା ଆର୍ଲିଡ୍ୱାର୍ଫ, ଉତ୍କଳ ପଲ୍ଲବୀ, ଉତ୍କଳ ଦିପ୍ତି, ଉ୍କଳ କୁମାରୀ, ଉତ୍କଳ ଉର୍ବଶୀ, ଉତ୍କଳ ଶ୍ରାବଣୀ | ୨୦୦-୨୫୦ ଗ୍ରାମ | ୯୦X୬୦ସେ.ମି. (ବର୍ଷାଦିନ) ୬୦X ୪୫ ସେ.ମି (ଶୀତଦିନ) | ମେ ୧୫ରୁ ଜୁନ ଅକ୍ଟୋବର, ନଭେମ୍ବର, ଜାନୁଆରୀ, ଫେବୃୟାରୀ |
| ବାଇଗଣ | ମୁକ୍ତକେଶୀ, ବ୍ଲୁଷ୍ଟାର, ପୁଷା ଅନ୍‌ମୋଲ, ପୁଷା ପର୍ପଲ ଲଙ୍ଗ୍, ପୁଷା ପର୍ପଲ ରାଉଣ୍ଡ, ପୁଷା କ୍ରାନ୍ତି, ତୃପ୍ତି, ଉତ୍କଳ କେଶରୀ, ଉତ୍କଳ ମାଧୁରୀ, ଉତ୍କଳ ତାରୀଣୀ, ଉତ୍କଳ ନିଶାନ, ଅର୍କ ନବନୀତ | ୨୦୦ ୨୫୦ ଗ୍ରାମ | ୬୦X୪୫ ସେ.ମି. | ମେ, ଜୁନ, ଅକ୍ଟୋବର, ନଭେମ୍ବର, ଜାନୁଆରୀ, ଫେବୃୟାରୀ |
| ଫୁଲକୋବି | ପୁଷା କଟକି, ପୁଷା ଦିପାଳୀ, ସୁପର ସ୍ନୋବଲ, ସ୍ନୋବାଲ-୧୬, ମଧୁମତୀ ପାରିଜାତ, ଅମରାବତୀ, କୋ-୧, ଲେଟ୍ ସ୍ନୋବଲ | ୨୦୦ଗ୍ରାମ | ୪୫x୩୦ ବର୍ଷା ଦିନ ୬୦x୩୦ ଶୀତ ଦିନ | ଅଗଷ୍ଟ-ଅକ୍ଟୋବର, ତଳି ପକାଇ ୨୫-୩୦ ଦିନର ଚାରା ଲଗାଯାଏ । |
| ବନ୍ଧାକୋବି | ପ୍ରାଇଡ୍ ଅଫ୍ ଇଣ୍ଡିଆ, ଗୋଲଡେନ ଏକର, ପୁଷା ଡ୍ରମ ହେଡ୍, କୋପେନ୍ ହେଗେନ ମାର୍କେଟ, ଆର୍ଲିଡ୍ରମ ହେଡ୍ | ୨୦୦ଗ୍ରାମ | ୪୫x୩୦ ବର୍ଷା ଦିନ ୬୦x୪୦ ଶୀତ ଦିନ | ମେ ରୁ ଫେବୃୟାରୀ ପର୍ଯ୍ୟନ୍ତ ତଳି ପକାଇ ୨୫-୩୦ ଦିନର ଚାରା ଲଗାଯାଏ । |

| ପନିପରିବାର ନାମ | କିସମ | ଏକର ପିଛା ବିହନର ପରିମାଣ | ଲଗାଇବା ଦୂରତା ସେ.ମି. (୧ ଫୁଟ = ୩୦ ସେ.ମି.) | ବିହନ / ଚାରା ଲଗାଇବା ସମୟ |
|---|---|---|---|---|
| ଲଙ୍କା ମରିଚ | ପୁଷା ଜ୍ୱାଲା, ସୂର୍ଯ୍ୟମୁଖୀ, ଉତ୍କଳ ରଶ୍ମି ଏନ୍.ପି.-୪୬ଏ, ଉତ୍କଳ ଅଭା, ଗୁଣ୍ଟୁର ୧/୪ ଉତ୍କଳ ରାଗିଣୀ, ପୁଷା ସଦା ବାହାର | ୧୬୦ଗ୍ରାମ | ୬୦x୩୦ ସେ.ମି.<br>୬୦x୪୫ ସେ.ମି. | ଜୁନ-ଜୁଲାଇ,<br>ସେପ୍ଟେମ୍ବର-ଅକ୍ଟୋବର<br>ଜାନୁୟାରୀ-ଫେବୃୟାରୀ |
| ପିଆଜ | ଏନ୍-୫୩, ପୁଷାରେଡ୍, ନାସିକ ରେଡ, ପୁଷା ହ୍ୱାଇଟ୍, ଅର୍ଲି ଗ୍ରେନୋ, ଅର୍କ କଲ୍ୟାଣ, ଏଗ୍ରି ଫାଉଣ୍ଡ ଡାର୍କ ରେଡ୍, ଦେଶୀ ପିଆଜ-ରମ୍ଭା ଲୋକାଲ, ଜରିପଡା ଲୋକାଲ | ୩ କି.ଗ୍ରା | ୨୦x୧୦ସେ.ମି. | ବର୍ଷାଦିନିଆ-ଜୁନ୍,<br>ଶୀତଦିନିଆ-ଅକ୍ଟୋବର<br>ଖରାଦିନିଆ-ଜାନୁଆରୀ |
| ଭେଣ୍ଡି | ଉତ୍କଳ ଗୌରବ, ଆର୍କା ଅନାମିକା, ଆର୍କା ଅଭୟ, ସିଲେକସ୍ନ-୭ | ୩-୪ କି.ଗ୍ରା ବର୍ଷାଦିନ<br>୫-୭ କି.ଗ୍ରା ଖରାଦିନ | ୪୫x୪୫ ବର୍ଷା ଦିନ<br>୩୦x୩୦ ଖରା ଦିନ | ଡିସେମ୍ବର ଓ ଜାନୁଆରୀ ବ୍ୟତୀତ ବର୍ଷସାରା |
| ଉଲକୋବି | ହ୍ୱାଇଟ୍ ଭିଏନା, ପରପଲ ଭିଏନା, କିଙ୍ଗ ଅଫ୍ ମାର୍କେଟ ଅର୍ଲିଏଷ୍ଟ ଅଫ୍ ଅଲ୍ | ୩୦୦ ଗ୍ରାମ | ୪୫x୨୨.୫ ସେ.ମି. | ଅକ୍ଟୋବର-ନଭେମ୍ବର |
| ମଟର | ଏନ୍.ପି.-୨୯, ଆର୍କେଲ ବୋନେଭିଲେ, ଅଲ୍ ୱେଦର, ଅସୌଜି | ୨୦ କି.ଗ୍ରା | ୩୦x୧୦ ସେ.ମି.<br>୩୦x୧୫ ସେ.ମି. | ନଭେମ୍ବର-ଡିସେମ୍ବର |
| ବିନ୍ସ | କଣ୍ଟେଣ୍ଡର, ପ୍ରିମିୟର, ପୂଷା ପାର୍ବତୀ, ବ୍ଲୁଲେକ କେଣ୍ଟୁକି ୱାଣ୍ଡର, ଫେନୋମିନା ଲଙ୍ଗ | ୨୦-୨୫ କି.ଗ୍ରା | ୩୦x୧୦ ସେ.ମି.<br>୪୫x୩୦ ସେ.ମି. | ଅକ୍ଟୋବର-ନଭେମ୍ବର |
| ଶିମ୍ବ | ପୁଷା ଅର୍ଲି ପ୍ରଲିଫିକ୍, ବାଲାଜି, କୋ-୭/୮/୯ | ୪ କି.ଗ୍ରା | ୧୨୦x୧୨୦ ସେ.ମି. | ଜୁଲାଇ, ଅଗଷ୍ଟ |
| ଝୁଡୁଙ୍ଗ | ଏସ୍.ଇ.ବି-୨,ପୁଷା ବରସାତି, ପୁଷା ଫାଲଗୁନି, ସ୍ୱର୍ଣ୍ଣ, ପୁଷା ଦୋ ଫସଲି | ୫ କି.ଗ୍ରା | ୩୦x୧୦ ସେ.ମି. | ଜୁନ୍-ଜୁଲାଇ<br>ଅକ୍ଟୋବର-ନଭେମ୍ବର<br>ଫେବୃୟାରୀ-ମାର୍ଚ୍ଚ |
| ଗୁଆଁର | ପୁଷା ନୌବାହାର, ପୁଷା ସଦା ବାହାର, ପୁଷା ମୌସୁମୀ | ୫ କି.ଗ୍ରା | ୪୫x୧୫ ସେ.ମି. | ଜୁନ୍-ଜୁଲାଇ |
| ପୋଟଳ | ଲମ୍ବା, ଗୋଜିଆ, ଅଣ୍ଡାକୃତି, ଗୋଲ | ୩୦୦୦-୩୫୦୦ ଖଣ୍ଡରେ | ୧୫୦x୧୫୦ ସେ.ମି. | ଅକ୍ଟୋବର-ଜାନୁଆରି |
| ମୂଳା | ପୁଷା ରଶ୍ମୀ, ପୁଷା ହିମାନୀ, ପୁଷା ଚେତକୀ, ଜାପାନିଜ୍ ହ୍ୱାଇଟ୍ | ୪-୫ କି.ଗ୍ରା | ୩୦x୧୦ ସେ.ମି. | ଜୁନ୍-ସେପ୍ଟେମ୍ବର |
| ଗାଜର | ପୁଷା କେଶର, ଅର୍ଲି ନେଣ୍ଟଓ, ଶଙ୍କର ବିହନ-ନନ୍ଦିନୀ, ନିଶା, ଆଇଭର | ୩-୪ କି.ଗ୍ରା | ୩୭x୭ ସେ.ମି. | ସେପ୍ଟେମ୍ବର-ନଭେମ୍ବର |
| ଆଳୁ | କୁପ୍ରି ଚନ୍ଦ୍ରମୁଖୀ, କୁଫ୍ରି ଜ୍ୟୋତି, କୁଫ୍ରି ବାଦ୍‌ଶାହା, କୁଫ୍ରି ଲାଲିମା, କେ-୨୨, କୁଫ୍ରି ସୁନ୍ଦରୀ | ୬-୮ କ୍ୱିଣ୍ଟାଲ | ୪୫x୨୨.୫ ସେ.ମି. | ଅକ୍ଟୋବର-ଜାନୁଆରୀ |
| ସାରୁ | ପଲ୍ଲାବୀ, ରଶ୍ମୀ, ସାତମୁଖୀ, ମୁକ୍ତକେଶୀ, ଝାଙ୍କଡୀ | ୭.୫ କ୍ୱିଣ୍ଟାଲ | ୬୦x୪୫ ସେ.ମି. | ମେ-ଜୁନ<br>ଫେବୃୟାରୀ-ମାର୍ଚ୍ଚ |
| କାପସିକମ୍ ବା ସିମଳା ଲଙ୍କା | କାଲିଫର୍ଣ୍ଣିଆ ୱାଣ୍ଡର, ୟେଲୋ ୱାଣ୍ଡର, ମିଡିୱେ ଏଲିଫ୍ୟାଣ୍ଟ ଓ ଟ୍ରଙ୍କ | ୨୦୦ ଗ୍ରାମ | ୬୦x୪୫ ସେ.ମି. | ଅକ୍ଟୋବର-ଜାନୁଆରୀ |
| କନ୍ଦମୂଳ | ପୁଷା ସଫେଦ, ପୁଷା ରେଡ୍, ସମ୍ରାଟ, ବର୍ଷା | ୩୦୦୦ ଖଣ୍ଡରେ | ୬୦x୨୫ ସେ.ମି. | ଜୁନ, ସେପ୍ଟେମ୍ବର |
| ଦେଶୀଆଳୁ | ଶ୍ରୀ କିର୍ତ୍ତୀ, ଶ୍ରୀଲତା, ଶ୍ରୀଶୁଭ୍ରା, ଶ୍ରୀପ୍ରିୟା | ୧୦ କ୍ୱିଣ୍ଟାଲ | ୭୫x୭୫ ସେ.ମି. | ମେ, ଜୁନ |
| କଖାରୁ | ଗୁଆମାଳ ଲୋକାଲ, ବସୁମତୀ, ପଞ୍ଚବଟି, କୋଇମ୍ୱାଟୁର -୧ ଅର୍କ ଚନ୍ଦନ, ଶଙ୍କର ଜାତୀୟ ଏମ୍.ପି.ଏଚ୍-୧ | ୨କି.ଗ୍ରା. ୬୦ ଗ୍ରାମ | ୧୫୦x<br>୧୫୦ ସେ.ମି. | ମେ, ଜୁନ<br>ଫେବୃୟାରୀ-ମାର୍ଚ୍ଚ |
| ଛଚିନ୍ଦ୍ରା | ପି.କେ.ଏମ୍-୧, କୋଇମ୍ବାଟୁର ୧,୨ | ୨ କି.ଗ୍ରା | ୧୫୦x୧୫୦<br>ସେ.ମି. | ମେ, ଜୁନ<br>ଫେବୃୟାରୀ-ମାର୍ଚ୍ଚ |
| ଜହ୍ନି | ପୁଷା ନାସଦାର, ପୁଷା ଚିକନି, ସାତପତ୍ର, ବାରପତ୍ରି | ୧-୧.୫ କି.ଗ୍ରା | ୧୨୦x୧୨୦<br>ସେ.ମି. | ମେ, ଜୁନ<br>ଫେବୃୟାରୀ-ମାର୍ଚ୍ଚ |

| ପନିପରିବାର ନାମ | କିସମ | ଏକର ପିଛା ବିହନର ପରିମାଣ | ଲଗାଇବା ଦୂରତା ସେ.ମି. (୧ ଫୁଟ = ୩୦ ସେ.ମି.) | ବିହନ / ଚାରା ଲଗାଇବା ସମୟ |
|---|---|---|---|---|
| କଲରା | କୋଇମ୍ୟାଟୁର ଲଙ୍ଗ, ମୌସୁମୀ, ଲଙ୍ଗ୍ ଗ୍ରୀନ୍, ନଖରା ଅର୍କ ହରିତ୍ | ୧୨୦୦ ଗ୍ରାମ୍ | ୧୨୦x୧୨୦ ସେ.ମି. | ମେ, ଜୁନ ଫେବୃୟାରୀ-ମାର୍ଚ୍ଚ |
| କାକୁଡି | ଖରାଦିନିଆ- ସୁପ୍ରିୟା, ଚଇତାଳି ବର୍ଷାଦିନିଆ - ଜାପାନିଜ୍ ଲଙ୍ଗ ପ୍ରୋଏନସେଟ୍ ଶଙ୍କରଜାତୀୟ - ପ୍ରିୟା - ୧୫୩୧ ହାଇବ୍ରିଡ ନଂ -୧, କାଲିପସେ-୧, ରିଗାଲ, ରିୟାଲ୍, ଲକି, ଷ୍ଟ୍ରାଇକ, ବି.ଏସ୍.ଏସ୍ - ୧୬୮/୧୬୯ | ୧୨୦୦ ଗ୍ରାମ<br>୧୨୦୦ ଗ୍ରାମ<br>୮୦୦ ଗ୍ରାମ | ୧୨୦x୧୨୦ ସେ.ମି. | ଫେବୃୟାରୀ-ମାର୍ଚ୍ଚ |
| ଲାଉ | ପୁଷା ସମର ପ୍ରଲିଫିକ୍ ଲଙ୍ଗ, ପ୍ରଲିଫିକ୍ ରାଉଣ୍ଡ କୋଇମ୍ୟାଟୁର ୧ ଓ ୨, ପୁଷା ମଞ୍ଜରୀ | ୧୨୦୦ ଗ୍ରାମ | ୧୨୦x୧୨୦ ସେ.ମି. | ମେ, ଜୁନ ଫେବୃୟାରୀ-ମାର୍ଚ୍ଚ |
| କାଙ୍କଡ | ସ୍ଥାନୀୟ ବିହନ, ହାତିଆ କାଙ୍କଡ | ୪୦୦୦ ଖଣ୍ଡ ଚେରଥିବା ଡାଳ | ୧୦୦x୧୦୦ ସେ.ମି. | ଜୁନ-ଜୁଲାଇ |
| କୁନ୍ଦୁରି | ସ୍ଥାନୀୟ, ପାଡାପାଇ | ୧୦୦୦ ଖଣ୍ଡ ଚେର ବା ଡଙ୍କ | ୨୦୦x୨୦୦ ସେ.ମି. | ବର୍ଷାଦିନ |
| ତରଭୁଜ | ସୁଗାର ବେବି, ଅର୍କ ମାଣିକ | ୨ କି.ଗ୍ରା | ୧୨୦x୧୨୦ ସେ.ମି. | ଜାନୁୟାରୀ-ମାର୍ଚ୍ଚ |
| ପୋଇ | ସ୍ଥାନୀୟ କିସମ (ଶାଗୁଆ, ଲାଇ) | ୬ କି.ଗ୍ରା | ୧୫୦x୬୦ ସେ.ମି. | ଜୁଲାଇ-ଜାନୁୟାରୀ |
| ଶାଗ | ଖଙ୍ଗା-ଧଳା (ଖରାଦିନେ),<br>ଲାଲ (ଶୀତଦିନ)<br>କୋଶିଳା - ଧଳା ଓ ଲାଲ୍<br>ଲେଉଟିଆ - ସିଓ-୨ ଧଳା ଚେକା | ୧୨୦୦ ଗ୍ରାମ୍<br>୧୨୦୦ ଗ୍ରାମ<br>୧୨୦୦ ଗ୍ରାମ | ୨୦୦x୧୫୦ ସେ.ମି. ଆକାରର ପଟାଳୀ | ମାର୍ଚ୍ଚ-ଏପ୍ରିଲ<br>ଅକ୍ଟୋବର - ନଭେମ୍ବର<br>ଅକ୍ଟୋବର - ଜାନୁୟାରୀ<br>ଫେବୃୟାରୀ - ମାର୍ଚ୍ଚ |
| ପାଳଙ୍ଗ | ଅଲଗ୍ରୀନ, ପଞ୍ଜାବୀ, କଲିକତି, ବନାରସୀ, ରାଉଣ୍ଡ ଲିଫଡ | ୧୦-୧୨ କି.ଗ୍ରା | ୨୦x୧୦ ସେ.ମି. | ଅକ୍ଟୋବର - ଡିସେମ୍ବର |
| ମେଥି | ପୁଷା ଅର୍ଲି, ବଞ୍ଚିଙ୍ଗ, କସ୍ତୁରୀ | ୧୨ କି.ଗ୍ରା | ୨୦x୧୦ ସେ.ମି. | ଅକ୍ଟୋବର - ନଭେମ୍ବର |
| ଅମୃତଭଣ୍ଡା | ଶକର-ଏଫ.ଏସ୍-୧, ସୋଲୋ ହାଇବ୍ରିଡ, ଅମୃତ, ମୟୁରୀ ରେଡ ଇଣ୍ଡିଆନ, ରେଡ୍ ଲେଡି, ଭିଏନା | ୧୦୦୦ ଚାରା | ୨.୫x୨.୫ ସେ.ମି. | ମେ-ଜୁଲାଇ |
| ସଜନା | ସ୍ଥଳ ବିଉଟି, ହାଫ୍, ଲୟର ପି.କ.ଏମ୍-୧,. ଭାଗ୍ୟ | ୪୦ ଟା ଗଛ | ୨.୫x୨.୫ ସେ.ମି. | ଫଳନ୍ତି ଗଛର ଡାଳକୁ ବର୍ଷା ଓ ଶୀତଦିନେ ଲଗାଯାଏ |

# ପନିପରିବା ଫସଲର କୀଟ ଆକ୍ରମଣ



ବାଇଗଣ


କାଣ୍ଡ ବିନ୍ଧା ପୋକ ଓ ଫଳ ବିନ୍ଧା ପୋକ ଆକ୍ରମଣ କଲେ ଡାଳ ଝାଉଁଳି ପଡ଼େ ଏବଂ ଫଳ କଣା ହୋଇଯାଏ ।





ବିଲାତି ବାଇଗଣ

କୀଟମାନଙ୍କ ଦ୍ୱାରା ସଂକ୍ରମିତ ହୋଇ ଭୂତାଣୁଜନିତ ପତ୍ରପୋଡା ରୋଗ ହୋଇଥାଏ ।




ବନ୍ଧାକୋବି

ବନ୍ଧାକୋବି ପୋକ ଆକ୍ରମଣ ଯୋଗୁଁ କଣାଦାଗ ଦେଖାଯାଏ।




ଝୁଡ଼ଙ୍ଗ

ଜଉପୋକ ଆକ୍ରମଣ ଯୋଗୁଁ ଗଛ ଭଲ ବଢ଼େ ନାହିଁ।




ବିନ୍ / ମଟର


ଛୁଇଁ ବିନ୍ଧା ପୋକ ଆକ୍ରମଣ ଯୋଗୁଁ ଛୁଇଁରେ କଣା ହୁଏ।




ଭେଣ୍ଡି

ଧଳାମାଛି ଯୋଗୁଁ ସାହେବୀ ରୋଗ ବ୍ୟାପିଥାଏ।




ଲଙ୍କାମରିଚ

ଉଙ୍କୁଣିଆ ପୋକ ଯୋଗୁଁ ପତ୍ର ମୋଡ଼ି ହୋଇଯାଏ।




କଖାରୁ ଜାତୀୟ ଫସଲ

ଏପିଲାଚନା ବିଟଲ ପତ୍ରକୁ ଖାଇ କଣା କରିଦିଏ।



## ପ୍ରତିଷେଧକ ବ୍ୟବସ୍ଥା



ଖରାଟିଆ ହଳ କରନ୍ତୁ। ଏହାଦ୍ୱାରା ପୋକ ଓ ରୋଗଜୀବାଣୁ ନଷ୍ଟ ହୋଇଯିବେ।



ରୋଗପୋକ ସହନଶୀଳ ବିହନ କିସମ ବ୍ୟବହାର କରନ୍ତୁ। ଝାଉଁଳା ରୋଗ ନିରୋଧି କିସମ ଉତ୍କଳ କୁମାରୀ।

## ପ୍ରତିକାର ବ୍ୟବସ୍ଥା



ଫେରୋମୋନ୍ ଟ୍ରାପ୍ ବ୍ୟବହାର କରନ୍ତୁ। ଫସଲ ଅନୁସାରେ ଲିଓର ବ୍ୟବହାର କରନ୍ତୁ।



ଆଲୋକ ଯନ୍ତା ବ୍ୟବହାର କରନ୍ତୁ।



ଉପଯୁକ୍ତ ବ୍ୟବଧାନରେ ଧାଡି ଧାଡି କରି ଚାରା ଲଗାନ୍ତୁ।



ହଳଦିଆ ଅଠାଳିଆ ଯନ୍ତା ବ୍ୟବହାର କରନ୍ତୁ।



ଉପଯୁକ୍ତ ପରିମାଣର ଖାଦ୍ୟସାର ବ୍ୟବହାର କରନ୍ତୁ। ଗଛ ରୁଗ୍ଣ ହେଲେ ରୋଗପୋକ ଲାଗିବାର ଆଶଙ୍କା ବୃଦ୍ଧି ପାଇଥାଏ।



ନିମତେଲ, ନିମ ମଞ୍ଜି ପାଚନ ବ୍ୟବହାର କରି କୀଟ ଦମନ କରନ୍ତି।



ତଳିପଟାଳୀର ମୃତ୍ତିକାକୁ ସୂର୍ଯ୍ୟରଶ୍ମି ଦ୍ୱାରା ବିଶୋଧନ କରନ୍ତୁ।



ନିମାକ୍ସିନ୍, ନିମାରିନ୍, ଅଚୁକ, ମଲ୍‌ଟି ନିମ, ଲିମୋନିଲ୍, ଆଦି ନିମଜାତ ଔଷଧ ବ୍ୟବହାର କରି କୀଟ ଦମନ କରନ୍ତୁ।



ବିହନ ବିଶୋଧନ କରନ୍ତୁ।



ଟ୍ରାଇକୋଡର୍ମା ଭିରିଡେ, ଏନ୍‌ପିଭି, ବୁଭେରିଆ ବାସିଆନା ଆଦି ଜୈବ କୀଟନାଶକ ବ୍ୟବହାର କରନ୍ତୁ।

## ଅମଳ

ଦଶ ଡେସିମିଲି ସ୍ଥାନରୁ କେଉଁ ପନିପରିବା କେତେ ପରିମାଣରେ ମିଳିପାରିବ ତାହାର ଏକ ଅନୁମାନିକ ହିସାବ ତଳେ ପ୍ରଦାନ କରାଗଲା

## ଆନୁମାନିକ ଅମଳ (୧୦ ଡେସିମିଲି ପ୍ରତି କି.ଗ୍ରା.)

| ଫସଲ | ଅମଳ ପରିମାଣ (କି.ଗ୍ରା) | ଫସଲ | ଅମଳ ପରିମାଣ (କି.ଗ୍ରା) |
|---|---|---|---|
| ବାଇଗଣ | ୮୦୦ | ସାରୁ | ୬୦୦ |
| ବିଲାତି ବାଇଗଣ | ୧୨୦୦ | ଭେଣ୍ଡି | ୪୦୦ |
| ଲଙ୍କାମରିଚ | ୨୦୦ | ବିନ | ୩୨୦ |
| ସବଜୀଲଙ୍କା | ୮୦୦ | ଝୁଡଙ୍ଗ | ୩୨୦ |
| ଆଳୁ | ୧୦୦୦ | ବୋଇତି କଖାରୁ | ୧୦୦୦ |
| ବନ୍ଧାକୋବି | ୧୨୦୦ | କାକୁଡି | ୪୮୦ |
| ଫୁଲକୋବି | ୧୦୦୦ | ଜହ୍ନି | ୪୦୦ |
| ମଟର | ୨୪୦ | କଲରା | ୩୨୦ |
| ମୂଳା | ୮୦୦ | ଲାଉ | ୬୦୦ |
| ଗାଜର | ୪୮୦ | ପିଆଜ | ୧୦୦୦ |
| ଖମ୍ବଆଳୁ | ୧୦୦୦ | ତରଭୁଜ | ୮୦୦ |

## ଫସଲ ପର୍ଯ୍ୟାୟ

କ୍ରମ ଅନୁସାରେ ଗୋଟିଏ ଜମିରେ ବର୍ଷର ବିଭିନ୍ନ ଋତୁରେ ଅମଳ ହେଉଥିବା ଫସଲର ଚାଷ ପ୍ରଣାଳୀକୁ ଫସଲ ପର୍ଯ୍ୟାୟ କୁହାଯାଏ। ଫସଲ ପର୍ଯ୍ୟାୟର ଯୋଜନା ପ୍ରସ୍ତୁତି ସମୟରେ ନିମ୍ନଲିଖିତ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ଉଚିତ୍।

**ସାଧାରଣତଃ ଗୋଟିଏ ଜାତୀୟ ଫସଲର ଏକ ଫସଲ ବା ସେହି ଜାତୀୟ ଅନ୍ୟ ଫସଲ ବାରମ୍ବାର ବିଭିନ୍ନ ଋତୁରେ ଏକ ଜମିରେ ଚାଷ କଲେ ଜମିର ଉର୍ବରତା ଅସନ୍ତୁଳୀତ ହେବା ସହ ମୃର୍ତ୍ତିକା ଜନିତ ରୋଗ ଓ କେତେକ ଅନିଷ୍ଟକାରୀ ପୋକମାନଙ୍କର ଶିକାର ହୋଇ ଫସଲ କ୍ଷତିଗ୍ରସ୍ତ ହୋଇଥାଏ।** ସେଥିପାଇଁ ପନିପରିବା ଫଳର ବିଭିନ୍ନ ଜାତୀୟ ପରିବାକୁ ପର୍ଯ୍ୟାୟରେ ଚୟନ କରାଯାଇଥାଏ। ଜମିର କିସମ, ଜଳସେଚନର ବ୍ୟବସ୍ଥା, ଋତୁ, ଫସଲର ଅମଳ ସମୟ ଓ ବଜାରର ଚାହିଦା ନେଇ କେଉଁ ଫସଲ ପରେ କେଉଁଟି ହେବ ସ୍ଥିର କରାଯାଏ।

| କ୍ର.ମ | ଗ୍ରୁପ ନାମ | ପରିବାର ନାମ |
|---|---|---|
| ୧ | କୋବି ଜାତୀୟ (କ୍ରୁସୀଫେରୀ) | ବନ୍ଧାକୋବି, ଫୁଲକୋବି, ବ୍ରୋକୋଲି, ବିଟ୍, ମୂଳା, ସୋରିଷ |
| ୨ | ବାଇଗଣ ଜାତୀୟ (ସୋଲାନାସି) | ଆଳୁ, ଟମାଟୋ, ବାଇଗଣ, ଲଙ୍କା |
| ୩ | ଛୁଇଁ ଜାତୀୟ (ଲେଗୁମିନାସି) | ଫ୍ରେଞ୍ଚ ବିନ୍, ବ୍ରଡ ବିନ, ମଟର, ଗୁଆଁର |
| ୪ | ଲଟା ଜାତୀୟ (କୁକୁର ବିଟାସୀ) | କାକୁଡି, କଖାରୁ, ତରଭୁଜ, କଲରା, ପୋଟଳ, ଛଚିନ୍ଦ୍ରା |

# କେତେକ ମୁଖ୍ୟ ପରିବା ଫସଲର ଚାଷ ପ୍ରଣାଳୀ



## ବାଇଗଣ (Brinjal/Egg Plant)

ଆମ ଦେଶର ପ୍ରାୟ ସବୁ ଅଞ୍ଚଳରେ ବାଇଗଣ ଚାଷ କରାଯାଏ। ବାଇଗଣ ଚାଷ ବର୍ଷର ସବୁ ସମୟରେ ହୋଇପାରିବ। ବର୍ତ୍ତମାନ ସମୟରେ କରାଯାଉଥିବା ପରିବା ଫସଲ ମଧ୍ୟରେ ଏହା ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି।

## ଖାଦ୍ୟ ମୂଲ୍ୟ

କିସମ ଅନୁସାରେ ବାଇଗଣର ମୂଲ୍ୟ ଭିନ୍ନ ଭିନ୍ନ ହୋଇଥାଏ। ବାଇଗଣର ଔଷଧୀୟ ଗୁଣ ରହିଛି। ବାଇଗଣରେ ଶତକଡା ୯୧.୭ ଭାଗ ଜଳୀୟ ଅଂଶ ରହିଥାଏ। ଏହାଛଡା ଏଥିରେ ଶତକଡା ୧.୪ ଭାଗ ପୁଷ୍ଟିସାର, ୪ଭାଗ ଶ୍ୱେତସାର, ୦.୩ ଭାଗ ସ୍ନେହସାର, ୦.୩ ଭାଗ ଖଣିଜ ଲବଣ ଏବଂ ୧.୩ ଭାଗ ତନ୍ତୁଜାତୀୟ ପଦାର୍ଥ ରହିଥାଏ।

## ବିହନ କିସମ

ବାଇଗଣର ଅନେକ କିସମ ରହିଛି। ଚାଷୀ ଭାଇ ମାନେ ନିଜ ଜମିର ଅବସ୍ଥିତି, ଜଳବାୟୁ ଓ ଋତୁ ଅନୁସାରେ କିସମ ଚୟନ କରିବା ଆବଶ୍ୟକ। ମୁକ୍ତକେଶୀ, ପୁଷା ପର୍ପଲ ରଙ୍ଗ, ପୁଷାକ୍ରାନ୍ତି, ଉତ୍କଳ ମାଧୁରୀ, ଉତ୍କଳ ତାରିଣୀ, ବ୍ଲୁଷ୍ଟାର, ଗ୍ରୀନଷ୍ଟାର, ପୁଷା ପର୍ପଲ କ୍ଲଷ୍ଟର ଆଦି ଚାଷକଲେ ଭଲ ଅମଳ ମିଳେ। ସଙ୍କର ଜାତୀୟ କିସମ ହିସାବରେ ସୁଫଳ, ଲଙ୍ଗ-୧୩, ଏମଏଚବି-୧, ଗ୍ରୀନ ଲଙ୍ଗ, ପ୍ରିତମ, ଭୀମ, ସୁରୁଚି, ଗାଲିଏଲ, ବ୍ଲାକ ରାଉଣ୍ଡ ଆଦି ଚାଷ କଲେ ଭଲ ଅମଳ ମିଳିପାରିବ। ଋତୁ ଅନୁଯାୟୀ କିସମ ଚୟନ ପାଇଁ ପୂର୍ବରୁ ଦିଆଯାଇଥିବା ସାରଣୀକୁ ଭଲଭାବେ ଦେଖନ୍ତୁ।

## ମାଟି ଓ ଲଗାଇବା ସମୟ

ନିଗିଡା ଦୋରସା ମାଟିରେ ବାଇଗଣ ଭଲ ହୁଏ। ତେବେ ବିଭିନ୍ନ ଧରଣର ମାଟିରେ ବାଇଗଣ ଚାଷ କରାଯାଇ ପାରିବ। ମାଟିର ଅମ୍ଳ ପରିମାପକ ମୂଲ୍ୟ ୫.୫ ରୁ ୬.୫ ମଧ୍ୟରେ ରହିଲେ ବାଇଗଣ ଭଲ ହୋଇଥାଏ। ବିଲରେ ଠିଆ ପାଣି ଜମି ରହିଲେ ଗଛ ମରିଯାଏ। ଆମ ରାଜ୍ୟରେ ପ୍ରାୟ ସବୁ ଋତୁରେ ବାଇଗଣ ଚାଷ କରାଯାଇ ପାରିବ। ଜୁନ ମାସରେ ଲଗାଇଲେ ଅଗଷ୍ଟ ମାସ ବେଳକୁ ଫଳ ଆସିଥାଏ। ଅକ୍ଟୋବର-ନଭେମ୍ବର ଓ ଫେବୃୟାରୀ ମାସରେ ମଧ୍ୟ ବାଇଗଣ କରାଯାଇ ପାରିବ। ଅତ୍ୟଧିକ ଶୀତ ପଡିଲେ କିମ୍ବା କୁହୁଡି ହେଲେ ବାଇଗଣ ଭଲ ହୁଏ ନାହିଁ।

## ଲଗାଇବା ପ୍ରଣାଳୀ

ଏକ ଏକର ଜମିରେ ଲଗାଇବା ପାଇଁ ୨୫୦ ଗ୍ରାମ ବିହନ ଦରକାର । ପ୍ରଥମେ ତଳି ପଟିରେ ଏଥିରୁ ଚାରା ଉତ୍ପାଦନ କରିବାକୁ ହୁଏ । ଚାରାଗୁଡ଼ିକ ୨୫-୩୦ ଦିନର ହେଇଗଲେ ଜମିରେ ରୁଆଯାଏ । ରୋଇବା ପୂର୍ବରୁ ଭଲଭାବେ ହଳ କରି ମାଟି ଗୁଣ୍ଡ କରିବା ଦରକାର । ଧାଡ଼ିକୁ ଧାଡ଼ି ୬୦ ସେଣ୍ଟିମିଟର ଓ ଗଛକୁ ଗଛ ୪୫ ସେଣ୍ଟିମିଟର ବ୍ୟବଧାନରେ ଚାରା ଲଗାଇବା ଉଚିତ୍ । ଚାରା ଲଗାଇବା ପରେ ସାମାନ୍ୟ ପାଣି ମଡାଇବା ଦରକାର । ଏକ ଏକର ଜମିରେ ପାଖାପାଖି ୧୫,୦୦୦ ଚାରା ଲଗାଯାଇଥାଏ ।

## ସାର ପ୍ରୟୋଗ

ବାଇଗଣ ଫସଲ ସାଧାରଣତଃ ୪-୫ ମାସ ପର୍ଯ୍ୟନ୍ତ କିଆରୀରେ ରହେ । ଏଣୁ ଅଧିକ ଖାଦ୍ୟ ସାର ଆବଶ୍ୟକ କରେ । ଭଲ ଅମଳ ପାଇବା ପାଇଁ ଏକର ପିଛା ୫-୬ ଟନ ସଢ଼ା ଗୋବର ଖତ ବା କମ୍ପୋଷ୍ଟ ଜମିରେ ପ୍ରୟୋଗ କରିବା ନିହାତି ଆବଶ୍ୟକ । ଚାରା ଲଗାଇବା ସମୟରେ କମ୍ପୋଷ୍ଟ ସହିତ ଜୈବ ଉର୍ବରକ ଯଥା ଆଜୋସ୍ପିରିଲିୟମ୍, ଫସଫୋକଲଚର୍ ମିଶାଇ ପ୍ରୟୋଗ କଲେ ଉପକାର ମିଳେ । ଏଥି ସହିତ ଏକର ପ୍ରତି ୪ କ୍ୱିଣ୍ଟାଲ କିଆଖତ ଚାରା ଲଗାଇବା ସମୟରେ ଓ ହୁଡ଼ା ଦେବା ସମୟରେ ( ଲଗାଇବାର ୩୦/୪୦ ଦିନ ପରେ) ଦେବାକୁ ହୁଏ । ପ୍ରତି ୧୫ ଦିନରେ ଥରେ ଜୀବାମୃତ ଓ ପ୍ରତ୍ୟେକ ସପ୍ତାହରେ ହାଣ୍ଡିଔଷଧ ପ୍ରୟୋଗ ବାଇଗଣ ଫସଲ ପାଇଁ ନିହାତି ଆବଶ୍ୟକ । ମାଛଟନିକ ଓ ଅଣ୍ଡା ଟନିକ ପ୍ରୟୋଗ କରିବା ଦ୍ୱାରା ବାଇଗଣ ଗଛକୁ ଆବଶ୍ୟକୀୟ ଆମିନୋଏସିଡ୍ ମିଳିଥାଏ ଓ ଅମଳ ଭଲ ହୁଏ ।

## କୋଡାଖୁସା

ଜମିକୁ ଖୁସାଇ ଅନାବନା ଗଛ ଉପାଡି ଦେବା ଦରକାର । ଦ୍ୱିତୀୟ ଥର ଯବକ୍ଷାର ସାର ପ୍ରୟୋଗ ପରେ ଗଛ ମୂଳକୁ ହୁଡା ଟେକିଦେବା ଉଚିତ୍ ।

## ଜଳସେଚନ

ବର୍ଷାଦିନେ ପାଣି ମଡାଇବା ଦରକାର ହୁଏ ନାହିଁ । କିନ୍ତୁ ଅନ୍ୟଦିନେ ୭-୮ ଦିନ ଅନ୍ତରରେ ପାଣି ମଡାଇବା ଆବଶ୍ୟକ ହୁଏ । ପାଣି ଅଭାବ ହେଲେ ପତ୍ର ହଳଦିଆ ପଡେ ଓ ଫୁଲ ଝଡିଯାଏ । ବାଇଗଣ ଫସଲ ପାଇଁ ମୋଟ ୧୦୦-୧୨୦ ସେଣ୍ଟିମିଟର ଜଳସେଚନ ଦରକାର ହୋଇଥାଏ ।

## ରୋଗପୋକ ଦମନ

ବାଇଗଣ ଗଛରେ କାଣ୍ଡବିନ୍ଧା ପୋକ ଆକ୍ରମଣ ଯୋଗୁଁ କାଣ୍ଡରେ କଣା ହୋଇଯାଏ । ଡାଳ ଓ ଫଳବିନ୍ଧା ପୋକ ଆକ୍ରମଣ ଯୋଗୁଁ କଅଁଳିଆ ଅଗ ଡାଳଗୁଡ଼ିକ ଝାଉଁଳି ପଡେ । ଫଳଗୁଡ଼ିକୁ ପୋକ ଖାଇବା ଦ୍ୱାରା ଏହାର ବଜାର ଚାହିଦା କମିଯାଏ । ଏହି ପୋକମାନଙ୍କୁ ଦମନ କରିବା ପାଇଁ ଚାରା ଲଗାଇବା ପରଦିନ ଠାରୁ ପ୍ରତି ସପ୍ତାହେ ଅନ୍ତରରେ ହାଣ୍ଡିଔଷଧ ପାଣିରେ ମିଶାଇ ସ୍ପ୍ରେ କରିବାକୁ ହୁଏ । ନିମ୍ବତେଲ ଓ କରଞ୍ଜ ତେଲ ମଧ୍ୟ ପ୍ରୟୋଗ କରାଯାଇ ପାରିବ (ଲିଟର ପ୍ରତି ୫-୫୦ ମି.ଲି.) ପର୍ଯ୍ୟନ୍ତ । ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା କୀଟର ଅଣ୍ଡାକୁ କିଆରିରେ ପ୍ରୟୋଗ କଲେ ଏହା କଣ୍ଡା ଓ ଫଳ ବିନ୍ଧା ମାଛିଙ୍କୁ ଦମନ କରେ । ଫିମ୍ପିଜାତ ପୋଡାରୋଗ ଓ ଫଳସଢ଼ା ରୋଗ ହେଲେ ଏକର ପିଛା ୫୦୦ ଗ୍ରାମ ବ୍ଲାଇଟକସ-୫୦ କିମ୍ବା ଇଣ୍ଡୋଫିଲ ଏମ-୪୫ ଔଷଧ ସ୍ପ୍ରେ କରାଯାଇ ପାରିବେ । ବେଳେବେଳେ ବାଇଗଣରେ ଛୋଟ ପତ୍ର ରୋଗ ହୁଏ । ଆକ୍ରାନ୍ତ ଗଛଗୁଡ଼ିକୁ ଉପାଡି ନଷ୍ଟ କରିଦେବା ଆବଶ୍ୟକ । ଏହି ରୋଗ ଜୀବାଣୁର ବାହକ ପତ୍ରଡିଆଁ ପୋକକୁ ଦମନ କରିବା ପାଇଁ ଏକର ପିଛା ୨ ଲିଟର ଧୂଆଁପତ୍ର ଡିକକ୍ସନକୁ ୨୦୦ ପାଣି ସହ ମିଶାଇ ସ୍ପ୍ରେ କରିବା ଦରକାର ।

## ଅମଳ

ବାଇଗଣ ପ୍ରାୟ ୧୨୦ ଦିନରେ ଅମଳ ହୋଇଥାଏ । ଭଲଭାବେ ଚାଷ କଲେ ଏକ ଏକର ଜମିରୁ ପ୍ରାୟ ୮୦ କ୍ୱିଣ୍ଟାଲ ବାଇଗଣ ମିଳି ପାରିବ ।

## ବିହନ ଉତ୍ପାଦନ

କେତେକ ଚାଷୀ ନିଜର ଫସଲରୁ ମଞ୍ଜି ରଖିବାକୁ ପସନ୍ଦ କରନ୍ତି । ଏଥିପାଇଁ ପ୍ରଥମ ଥରେ ଦୁଇଗଣ ତୋଳିବା ପରେ ଅନ୍ୟାନ୍ୟ ଫଳଗୁଡ଼ିକୁ ଗଛରେ ପାଚିବା ପାଇଁ ଛାଡ଼ିଦିଆଯାଏ । ପାଚିଲା ଫଳକୁ ଗଛରୁ ତୋଳି ଆଣି ଛୁରୀ ସାହାଯ୍ୟରେ ଛୋଟ ଛୋଟ କରି କଟାଯାଏ । ଏଥିରୁ ମଞ୍ଜି ସଂଗ୍ରହ କରି ପାଣି ଭର୍ତ୍ତିପାତ୍ରରେ ରଖାଯାଏ । ଏଗୁଡ଼ିକୁ ଭଲ ଭାବେ ଚକଟି ଛଣିଦେଲେ ମଞ୍ଜିତଳେ ବସିଯାଏ ଓ ଅନ୍ୟାନ୍ୟ ଅଂଶ ଭାସି ଉଠେ । ଏହିପରି ଭଲ ଭାବେ ଧୋଇ ମଞ୍ଜି ସଂଗ୍ରହ କରାଯାଏ । ଏହାକୁ ୪-୫ ଦିନ ଖରାରେ ଶୁଖାଇ ସାଇତି ରଖାଯାଏ । ଏକ କିଲୋଗ୍ରାମ ବାଇଗଣରୁ ପ୍ରାୟ ୨୦ ଗ୍ରାମ ମଞ୍ଜି ମିଳିଥାଏ । ଏକର ପିଛା ପ୍ରାୟ ୧୫୦ ରୁ ୧୮୦ କିଲୋଗ୍ରାମ ପର୍ଯ୍ୟନ୍ତ ମଞ୍ଜି ମିଳିପାରିବ । ସଙ୍କର ଜାତୀୟ କିସମରୁ ମଞ୍ଜି ରଖିବା ଉଚିତ୍ ନୁହେଁ । ମଞ୍ଜି ପାଇଁ ଚାଷ କରୁଥିଲେ ୧୦୦ ମିଟର ମଧ୍ୟରେ ଅନ୍ୟ କିସମର ବାଇଗଣ ଚାଷ ହେବା ଉଚିତ୍ ନୁହେଁ ।

- ଅନ୍ୟାନ୍ୟ ପରିବା ଫସଲ ଅପେକ୍ଷା ବାଇଗଣରେ ବର୍ଷା ଓ ଖରାଦିନେ ଅଧିକ କୀଟ ଆକ୍ରମଣ କରିଥାଏ । ଏଥିପାଇଁ ପ୍ରଥମରୁ ସତର୍କତା ମୂଳକ ପଦେକ୍ଷପ ଗ୍ରହଣ କରିବେ ।

- ବାଇଗଣ ଫସଲ ମାଟିରୁ ଅଧିକ ପରିମାଣରେ ଖାଦ୍ୟସାର ଟାଣିଥାଏ । ଏଣୁ ଖାଦ୍ୟ ପରିଚାଳନା ପ୍ରତି ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ।
- ବାଇଗଣ କିଆରିରେ ପରବର୍ତ୍ତି ଫସଲ ହିସାବରେ ଡାଲି ବା ଛୁଇଁ ଜାତୀୟ ଫସଲ ନିହାତି ହେବା ଜରୁରୀ ।
- ବାଇଗଣର କାଣ୍ଡବିନ୍ଧା, ଫଳବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋକାର୍ଡ ଓ ଫେରୋମୋନ ଯନ୍ତା ନିଶ୍ଚୟ ବ୍ୟବହାର କରନ୍ତୁ ।

## ବିଲାତି ବାଇଗଣ (Tomato)

ପୃଥିବୀର ଅନେକ ଦେଶରେ ବିଲାତି ବାଇଗଣ ଚାଷ କରାଯାଇଥାଏ । ଆମ ରଜ୍ୟରେ ସମସ୍ତ ଜିଲ୍ଲାରେ ମଧ୍ୟ ଏହା ଚାଷ କରାଯାଏ ।



## ଖାଦ୍ୟମୂଲ୍ୟ

କିସମ ଏବଂ ଚାଷ ହେଉଥିବା ଅବସ୍ଥା ଉପରେ ନିର୍ଭର କରି ପନିପରିବାର ଖାଦ୍ୟମୂଲ୍ୟ ଭିନ୍ନ ଭିନ୍ନ ହୋଇଥାଏ । ତଥାପି ବିଲାତି ବାଇଗଣରେ ହାରାହାରି ପ୍ରାୟ ୯୩.୧ ଭାଗ ଜଳୀୟ ଅଂଶ ଥାଏ । ଏଥିସହିତ ଶତକଡ଼ା ୩.୪ ଭାଗ ଶ୍ୱେତସାର, ୦.୨ ଭାଗ ସ୍ନେହସାର, ୦.୮ ଭାଗ ତନ୍ତୁ, ଶତକଡ଼ା ୧.୯ ଭାଗ ପୁଷ୍ଟିସାର, ଶତକଡ଼ା ୦.୬ ଭାଗ ଖଣିଜ ଲବଣ ରହିଥାଏ ।

## ବିହନ କିସମ

ସାଧାରଣତଃ ଦୁଇ ପ୍ରକାରର ବିଲାତି ବାଇଗଣ ଗଛ ଦେଖାଯାଏ । ଗୋଟିଏ ପ୍ରକାରର ଗଛରେ ପ୍ରଥମେ ଡାଳପତ୍ର ବୃଦ୍ଧି ଘଟେ । ଏହା ପରେ ଫୁଲ ଓ ଫଳ ଆସେ । କିନ୍ତୁ ଅନ୍ୟ କେତେ ଜାତିର ଗଛରେ ଏକ ସମୟରେ ଡାଳପତ୍ର ବୃଦ୍ଧି ଘଟିବା ସହିତ ଫୁଲ ଓ ଫଳ ମଧ୍ୟ ଧରିଥାଏ । ବିଲାତି ବାଇଗଣର ଉନ୍ନତ କିସମମାନଙ୍କ ମଧ୍ୟରେ ପୁଷାରୁବି, ପଞ୍ଜାବ କେଶରୀ, ପଞ୍ଜାବଛୁଆରା, ଅର୍କ ସୌରଭ ଆଦି ଚାଷ କରାଯାଇ ପାରେ । ଝାଉଁଳା ରୋଗ ଦାଉରୁ ରକ୍ଷା ପାଇବା ପାଇଁ ବିଟି ୧ (ଉତ୍କଳ ପଲ୍ଲବୀ), ବିଟି-୨ (ଉତ୍କଳ ଦିପ୍ତୀ. ବିଟି-୧୦ (ଉତ୍କଳ କୁମାରୀ), ବିଟି-୧୨ (ଉତ୍କଳ ଉର୍ବଶୀ), ବିଟି-୧୮ ଆଦି କିସମ ଚାଷ କରିବା ଆବଶ୍ୟକ । ଆଜିକାଲି ବିଲାତି ବାଇଗଣର ଅନେକ ଶଙ୍କର ଜାତୀୟ କିସମ ବାହାରିଲାଣି । ସେସବୁ ମଧ୍ୟରୁ ରଜନୀ, ମଙ୍ଗଳା, ନବୀନ, ସଦାବାହାର, ନୀଳାଦ୍ରି, ମେଘା, କ୍ରଶ ୧୭, ମାଧୁରୀ, ଜୟା ଅର୍ଜୁନ, ଏଲୋରା ଆଦି କିସମର ନାମ ଉଲ୍ଲେଖଯୋଗ୍ୟ ।

## ମାଟି ଓ ଲଗାଇବା ସମୟ

ଉର୍ବର ଦୋରସା ମାଟିରେ ବିଲାତି ବାଇଗଣ ଭଲ ହୋଇଥାଏ । ମାଟିର ଅମ୍ଳତା ୬ ରୁ ୭ ମଧ୍ୟରେ ରହିଲେ ଏବଂ ଫସଲରୁ ଭଲ ଅମଳ ମିଳେ । ସାଧାରଣତଃ ଶୀତଦିନେ ବିଲାତି ବାଇଗଣ ଚାଷ କରାଯାଏ । କିନ୍ତୁ ଆଜିକାଲି ବର୍ଷାଦିନେ ମଧ୍ୟ ଏହା ଚାଷ କରାଯାଉଛି । କେତେକ କିସମ ମଧ୍ୟ ଖରାଦିନେ ଅମଳ ଦେଇଥାଏ । ସାଧାରଣଭାବେ ଆମ ରାଜ୍ୟରେ ଅକ୍ଟୋବର-ନଭେମ୍ବର ମାସରେ ବିଲାତି ବାଇଗଣ ଲଗାଯାଏ । କିନ୍ତୁ ଅଧିକ ଲାଭ ପାଇବା ପାଇଁ ଅଗଷ୍ଟ ମାସରେ ମଧ୍ୟ ତଳି ରୁଆଯାଇ ପାରେ । ତେବେ ଏଥିପାଇଁ ଜମି ନିଗିଡା ହେବା ନିହାତି ଦରକାର ।

## ଲଗାଇବା ପ୍ରଣାଳୀ

ଏକ ଏକର ଜମିରେ ଲଗାଇବା ପାଇଁ ୨୦୦ ଗ୍ରାମ ବିହନ ଦରକାର । ଶଙ୍କର ଜାତୀୟ କିସମ ହେଲେ ଏକର ପିଛା ୬୦ ଗ୍ରାମ ବିହନ ଆବଶ୍ୟକ । ତଳି ପକାଇବା ପୂର୍ବରୁ ବୀଜାମୃତରେ ବିହନକୁ ବିଶୋଧନ କରିବା ଦରକାର । ପ୍ରଥମେ ମଞ୍ଜିକୁ ପଟାଳିରେ ବୁଣାଯାଏ । ଚାରାଗଛଗୁଡ଼ିକ ତିନି ସପ୍ତାହର ହେଲେ ଜମିରେ ରୁଆଯିବା ଉଚିତ୍ । ଧାଡ଼ିକୁ ଧାଡ଼ି ୬୦ ସେଣ୍ଟିମିଟର ଓ ଗଛକୁ ଗଛ ୪୫ ସେଣ୍ଟିମିଟର ଦୂରତାରେ ଗଛ ଲଗାଯାଏ । ଶଙ୍କରଜାତୀୟ କିସମ ହୋଇଥିଲେ ଧାଡ଼ିକୁ ଧାଡ଼ି ୯୦ ସେଣ୍ଟିମିଟର ଓ ଗଛକୁ ଗଛ ୭୫ ସେଣ୍ଟିମିଟର ଦୂରତାରେ ଲଗାଇବା ଆବଶ୍ୟକ । ସାଧାରଣ କିସମର ଏକର ପିଛା ୧୫୦୦୦ ଗଛ ରହୁଥିବାବେଳେ ସଙ୍କର ଜାତୀୟ କିସମରେ ପ୍ରାୟ ୬୦୦୦ ଗଛ ରୁଆଯାଇଥାଏ । ବର୍ଷା ଦିନିଆ ଫସଲରେ ଉଚ୍ଚା ହୁଡା କରି ତା ଉପରେ ଚାରା ଲଗାଇବା ଉଚିତ୍ । ପ୍ରତ୍ୟେକ ଗଛକୁ କାଠି ସାହାଯ୍ୟରେ ଢେରା ଦେବା ନିହାତି ଦରକାର । ଏହାଫଳରେ ଅଧିକ ଅମଳ ହେବା ସହିତ ମୂଳ ଓ ଫଳ ସଢା ରୋଗ କମହୁଏ ।

- ବର୍ଷାଦିନିଆ ବିଲାତି ବାଇଗଣ ଚାଷ କରୁଥିଲେ ଉଚ୍ଚା ହୁଡା କରି ତଳି ରୁଅନ୍ତୁ ଓ ପ୍ରତ୍ୟେକ ଗଛକୁ କାଠି ସାହାଯ୍ୟରେ ଢେରା ଦିଅନ୍ତୁ ।
- ବିଲାତି ବାଇଗଣରେ ଜଳସେଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜମିରେ କେବଳ ବତର ରଖନ୍ତୁ । ଅଧିକ ଜଳସେଚନ କରିବା କ୍ଷତିକାରକ ।
- ଝାଉଁଳା ପ୍ରତିରୋଧକ ବିହନ ବ୍ୟବହାର କରନ୍ତୁ ।
- ବର୍ଷାଦିନେ ଓ ଖରାଦିନେ ମୋଟା ଚୋପାବିଶିଷ୍ଟ ବିଲାତି ବାଇଗଣ କିସମ ଚାଷ କରନ୍ତୁ ।

**ଚାରା ଲଗାଇବା ଧାଡ଼ିକି ଧାଡ଼ି, ଅମଳ ପାଇବା ଗାଡ଼ିକି ଗାଡ଼ି ।**

## ଭେଣ୍ଡି (Okra/Ladies'Finger)

ଭେଣ୍ଡି ଆମର ଅତି ଉପକାରୀ ଓ ପରିଚିତ ପରିବା । ଏହାକୁ ତରକାରି କରି ଖିଆଯାଏ । ଏଥିରୁ ଖଟା ପ୍ରସ୍ତୁତ କରାଯାଏ । ଏହାର କାଣ୍ଡରୁ ତନ୍ତୁ ବାହାର କରାଯାଇଥାଏ । କାଗଜ କଳରେ ମଧ୍ୟ ଏହି ଗଛ କଞ୍ଚାମାଲ ରୂପେ ବ୍ୟବହୃତ ହୋଇଥାଏ ।

### ଖାଦ୍ୟମୂଲ୍ୟ



ଭେଣ୍ଡିର ଅନେକ ଔଷଧୀୟ ଗୁଣ ରହିଛି । ଏଥିରେ ଶତକଡ଼ା ୮୯.୬ ଭାଗ ଜଳୀୟଅଂଶ ରହିଥାଏ । ତା ସହିତ ୧.୯ ଭାଗ ପୁଷ୍ଟିସାର, ୦.୭ ଭାଗ ଖଣିଜ ଲବଣ ଏବଂ ୬.୪ ଭାଗ ଶ୍ୱେତସାର ରହିଥାଏ ।

### ବିହନ କିସମ

ଉନ୍ନତ କିସମ ହିସାବରେ ପୁଷା ସାୱାନୀ, ପୁଷା ମଖମଲି, ଅର୍କ ଅଭୟ କିସମ ଚାଷ କରାଯାଇ ପାରିବ । ପର୍ବାଣିକ୍ରାନ୍ତି କିସମ ଚାଷ କଲେ ସାହେବୀ ରୋଗ ହୁଏ ନାହିଁ । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ଉତ୍କଳ ଗୌରବ (ବିଓ-୨) କିସମ ବାହାର କରାଯାଇଛି । ଏଥିରେ ମଧ୍ୟ ସାହେବୀ ରୋଗ ହୁଏ ନାହିଁ । ସଙ୍କର ଜାତୀୟ କିସମ ହିସାବରେ ବର୍ଷା, ବିଜୟା, ତାରା, ରୋମାନୀ, ନଂ ୧୦, ଗୀତାଞ୍ଜଳି ଆଦି ଚାଷ କରାଯାଇ ପାରିବ ।

### ମାଟି ଓ ବୁଣିବା ସମୟ

ପ୍ରାୟ ସବୁ ପ୍ରକାରର ମାଟିରେ ଭେଣ୍ଡି ଚାଷ କରାଯାଇ ପାରିବ । ତେବେ ହାଲୁକା ଦୋରସା ମାଟିରେ ଭେଣ୍ଡି ଭଲ ହୁଏ । ଜମି ନିଗିଡା ହୋଇଥିବା ଆବଶ୍ୟକ । ମାଡିର ଅମ୍ଳତା ୬.୦ ରୁ ୬.୮ ମଧ୍ୟରେ ରହିବା ଉଚିତ୍ । ଶୀତଦିନେ ଛାଡିଦେଲେ ଆଉ ସବୁ ଋତୁରେ ଭେଣ୍ଡି ଚାଷ କରାଯାଇ ପାରିବ । ଜୁନ୍-ଜୁଲାଇ, ସେପ୍ଟେମ୍ବର ଓ ଫେବୃୟାରୀ ମାସରେ ବିହନ ବୁଣାଯାଇ ପାରେ ।

### ବୁଣିବା ପ୍ରଣାଳୀ

ବିହନ ବୁଣିବା ପୂର୍ବରୁ ଜମିକୁ ଭଲ ଭାବେ ହଳ କରି ମାଟିଗୁଣ୍ଡି କରିଦେବା ଉଚିତ୍ । ଏକ ଏକର ଜମିରେ ଲଗାଇବା ପାଇଁ ୫-୬ କିଲୋଗ୍ରାମ ବିହନ ଦରକାର । ବିହନକୁ ବୀଜାମୃତ ଦ୍ୱାରା ବିଶୋଧନ କରିଦେବା ଉଚିତ୍ । ଧାଡିକୁ ଧାଡି ୪୫ ସେଣ୍ଟିମିଟର ଓ ଗଛକୁ ୩୦ ସେଣ୍ଟିମିଟର ଦୂରତାରେ ବିହନ ବୁଣିବା ଦରକାର ।

### ସାର ପ୍ରୟୋଗ

ଏକର ପିଛା ୪୦-୫୦ କ୍ୱିଣ୍ଟାଲ ସଢ଼ା ଗୋବର ଖତ ପ୍ରୟୋଗ କରିବା ଉଚିତ୍ । ବିହନ ବୁଣିବାବେଳେ ଏକର ପିଛା ୪ କ୍ୱିଣ୍ଟାଲ ଜିଆଖତକୁ ଜୈବ ଉର୍ବରକ ସହିତ ମିଶାଇ ଦେବାକୁ ହୁଏ । ଏହାର ୨ ସପ୍ତାହ ପରେ ପ୍ରତି ଅନ୍ତରରେ ଜୀବାମୃତ କିମ୍ବା ପିଡିଆ ପୋଚ ଦେବାକୁ ହୁଏ । ନିମ୍ବ, କରଞ୍ଜ, ବାଦାମ ବା ରାଶି ପିଡିଆ, ଗୋବର ଓ ଗୋମୂତ୍ରକୁ ୧:୧:୧ କିଗ୍ରା. ଅନୁପାତରେ ଦେଇ ସେଥିରେ ୧୦ ଲିଟର ପାଣି ମିଶାଇ ରାତିସାରା ରଖିଦେଲେ ପୋଚ ପ୍ରସ୍ତୁତ ହୁଏ । ଏହି ୧୦ ଲିଟର ପୋଚ ୧୦ ବର୍ଗମିଟର ସ୍ଥାନ ପାଇଁ ଯଥେଷ୍ଟ ହୁଏ ।

### କୋଡାଖୁସା

ବିହନ ବୁଣିବାର ତିନି ସପ୍ତାହ ପରେ ମାଟିକୁ ଖୁସାଇ ଘାସ ବାଛି ଦେବା ଦରକାର । ଏକର ପ୍ରତି ୪ କ୍ୱିଣ୍ଟାଲ ଜିଆଖତ ସହିତ ୪ କି.ଗ୍ରା. ଆଜୋଟୋବ୍ୟାକ୍ଟର ଓ ୪ କି.ଗ୍ରା. ଫସ୍‌ଫୋକଲ୍‌ଚର ମିସାଇ ପ୍ରୟୋଗ କରି ହୁଡା ଟେକିବା ଉଚିତ୍ । ଘାସ ବାଛି ଦେଲେ ଗଛ ଭଲ ବଢ଼େ ଓ ଅଧିକ ଅମଳ ମିଳିଥାଏ ।

### ଜଳସେଚନ

ଖରାଦିନେ ଭେଣ୍ଡି ଚାଷ କରୁଥିଲେ ପାଣି ମଡାଇବା ନିହାତି ଦରକାର । ଦେଖିବା କଥା ଯେମିତି ମାଟି ଶୁଖି ନଯାଏ । ବର୍ଷାଦିନେ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଉଚିତ୍ । ପାଣି ଜମି ରହିଲେ ଭେଣ୍ଡି ଫସଲରୁ ଭଲ ଅମଳ ମିଳେ ନାହିଁ । ଏହି ଫସଲରେ ୫୦-୬୦ ସେଣ୍ଟିମିଟର ଜଳସେଚନ ଦରକାର ହୋଇଥାଏ

### ରୋଗପୋକ ଦମନ

ସାହେବୀ ରୋଗ ଭେଣ୍ଡିର ପ୍ରଧାନ ଶତ୍ରୁ । ଏହି ରୋଗ ଆକ୍ରମଣ କଲେ ପତ୍ରର ଶିରା ହଳଦିଆ ପଡିଯାଏ । ରୋଗାକ୍ରାନ୍ତ ଗଛର ଫଳ ଛୋଟ ହୁଏ ଏବଂ ଧଳା ଦେଖାଯାଏ । ଏହି ରୋଗର ଜୀବାଣୁ ଧଳାମାଛି ପୋକ ଦ୍ୱାରା ବ୍ୟାପିଥାଏ । କୀଟ ଦମନ କଲେ ରୋଗ ବ୍ୟାପିବା କମି ଯାଇଥାଏ । ଏହି କୀଟ ଦମନ ପାଇଁ ହୁଡାକୁ ସଫାସୁତୁରା ରଖିବା ଦରକାର । ନିୟମିତ ହାଣ୍ଡିଔଷଧ ସ୍ପ୍ରେ କରିବା ଦ୍ୱାରା ଓ ହଳଦିଆ ଅଠାଳିଆ ଯନ୍ତ୍ର ବ୍ୟବହାର ଦ୍ୱାରା ଧଳାମାଛିକୁ ନିଅନ୍ତ୍ରଣ କରିହୁଏ ।

### ଅମଳ

ଭେଣ୍ଡି ଅମଳ ପାଇଁ ବିଶେଷ ଯତ୍ନବାନ ହେବା ଉଚିତ୍ । ଅମଳରେ ବିଳମ୍ବ ଘଟିଲେ ଭେଣ୍ଡି ବୁଢ଼ା ହୋଇଯାଏ । ଏଣୁ ପ୍ରତି ଦିନେ ଛାଡ଼ି ଦିନେ ଭେଣ୍ଡି ଅମଳ କରାଯାଏ । ପ୍ରାୟ ୫୦-୬୦ ଦିନରେ ଭେଣ୍ଡି ଅମଳ ହୋଇଥାଏ । ଏକ ଏକର ଜମିରୁ ୩୦-୪୦ କ୍ୱିଣ୍ଟାଲ ଭେଣ୍ଡି ମିଳିଥାଏ ।

### ବିହନ ଉତ୍ପାଦନ

ଭେଣ୍ଡିରୁ ବିହନ ଉତ୍ପାଦନ ଖୁବ୍ ସହଜ । ଗଛରେ ଭଲ ଭାବେ ପାକଳ ହୋଇ ଶୁଖିଗଲେ ଭେଣ୍ଡି ଅମଳ କରାଯାଏ । ଏହାକୁ ଖରାରେ ଶୁଖାଇ ମଞ୍ଜି ଉତ୍ପାଦନ କରାଯାଏ । ବିହନ ପାଇଁ ଫସଲ କିଆରି ନିରୋଗୀ ହୋଇଥିବା ଦରକାର । ଏଥିରେ ଅନ୍ୟ କିସମର ଗଛ ନଥିବା ଉଚିତ୍ । ଗୋଟିଏ କିସମରୁ ଅନ୍ୟ କିସମର ଦୂରତା ଅତି କମରେ ୨୦୦ ମିଟର ହେବା ଉଚିତ୍ । ଏକ ଏକର ଜମିରୁ ପ୍ରାୟ ୪-୫ କ୍ୱିଣ୍ଟାଲ ବିହନ ଅମଳ ହୋଇପାରିବ ।

- ଭେଣ୍ଡି ଗଛ ୧ ଫୁଟ ଉଚ୍ଚତାର ହୋଇଗଲେ ଅଗ୍ରମୁକୁଳ ଛିଡାଇ ଦେଲେ ଅଧିକ ଡାଳ ବାହାରେ ଓ ଅଧିକ ଦିଏ । ଡେରିରେ ଅଗ୍ରମୁକୁଳ ଛଡାଇବା ଅନୁଚତ୍ ।
- ଭେଣ୍ଡି ଫସଲରେ ପ୍ରତି ସପ୍ତାହରେ ଖାଦ୍ୟସାର ପ୍ରୟୋଗ କରିବା ଜରୁରୀ ।
- ଭେଣ୍ଡି ଗଛ ଅମଳ ଦେଇ ସାରିଲେ ଏହାକୁ ମୂଳରୁ ନ ଉପାଡି ୧ ଫୁଟ ଉଚ୍ଚତା ରଖି କାଟି ଦିଅନ୍ତୁ । ଏହାପରେ କିଆରିକୁ ଭଲକରି ଖୁସାଇ ଜୀବାମୃତ ଓ ଜିଆଖତ ପ୍ରୟୋଗ କରି ପାଣି ମଡାଇ ଦିଅନ୍ତୁ । ଗଛ ଉପରେ ୨ ଥର ହାଣ୍ଡି ଔଷଧ ପ୍ରୟୋଗ କରନ୍ତୁ । ଏହାଫଳରେ ଗଛରେ ପୁନର୍ବାର ଫୁଲଫଳ ଆସେ ଏବଂ ଅମଳ ଦିଏ ।

**।। ଜିଆ ପାଇଁ ମାଟି ହାଲୁକା ହୁଏ**
**ଉର୍ବରାଗୁଣକୁ ବଢ଼ାଇ ଥାଏ ।।**

★ ★ ★

This handbook is a compilation of various methods of Improved Agriculture Practices for Sustainable Agriculture.

VIEWS is a growing grassroots organisation working in Odisha for empowerment of marginalised communities especially women and girls through various high-impact projects for over 14 years. Our customised interventions in Livelihood, Education, Health, Climate Change and Disaster Management, enable communities to improve their quality of life and take lead as changemakers.We have been working alongside different national, international agencies to integrate traditional knowledge and expertise with modern day development practices for capacity building of targeted groups and deliver outcomes. VIEWS has received a Special Consultative Status by the UN's Economic and Social Council (ECOSOC) since 2019.

Azim Premji Foundation is a not-for profit organisation that has been working since 2000 with the elementary education system in rural government schools.

At the Philanthropy, we make multi-year grants to not-for-profit organisations that work with the most vulnerable in our society. Through such support, people who are deeply disadvantaged and marginalised are offered immediate care, access to essential services, and the possibility of a dignified future.



।। ଗ୍ତରା ଲଗାଇବା ଧାଡ଼ିକୁ ଧାଡ଼ି,
ଅମଳ ପାଇବା ଗାଡ଼ିକୁ ଗାଡ଼ି ।।




**VIEWS**

At/Po : Venkatraipur, Via : Gopalpur on - Sea, Dist : Ganjam, Pin-761002

E-mail : info@viewsindia.org.in | Website : www.viewsindia.org.in